Bhubaneswar, Wednesday, August 19, 2026
ଭୁବନେଶ୍ୱର,ବୁଧବାର,ଅଗଷ୍ଟ ୧୯, ୨୦୨୬
Vol-01, Issue-112
ବର୍ଷ-୦୧, ସଂଖ୍ୟା -୧୧୨

www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA




# ବନ୍ୟା ପ୍ରଭାବିତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦଶ ହଜାର କୋଟି ପ୍ୟାକେଜ ଘୋଷଣା

- କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଅର୍ଥ କେବେ ପ୍ରତିବନ୍ଧକ ହେବ ନାହିଁ :ମୁଖ୍ୟମନ୍ତ୍ରୀ
- ଚଳିତ ବର୍ଷ ସ୍ୱାଭାବିକ ଠାରୁ ୩୪ ପ୍ରତିଶତ ଅଧିକ ବର୍ଷା ଗତ ୨୫ ବର୍ଷରେ ସର୍ବାଧିକ
- ପ୍ରଭାବିତ ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ କୃଷି ଇନ୍‌ପୁଟ୍ ସବସିଡି ସହାୟତା ପ୍ରଦାନ କରାଯିବ
- କ୍ଷତିଗ୍ରସ୍ତ ଚାଷୀଙ୍କୁ ଧାନ ଓ ଅଣଧାନ ବିହନ କ୍ରୟ ପାଇଁ ଡିବିଟି ମାଧ୍ୟମରେ ସହାୟତା ପ୍ରଦାନ କରାଯିବ
- କ୍ଷତିଗ୍ରସ୍ତ ରାସ୍ତାଘାଟ, କେନାଲ ବନ୍ଧକୁ ଯୁଦ୍ଧକାଳୀନ ଭିତିରେ ମରାମତି କରାଯିବ
- ଯେକୌଣସି ବିପର୍ଯ୍ୟାୟ ଆସୁନା କାହିଁକି, ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ



ଭୁବନେଶ୍ୱର,୧୮/୮ : ସୋମବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଅନୁଧ୍ୟାନ କରିବା ପରେ ଆଜି ରାଜ୍ୟର ବନ୍ୟା ପ୍ରଭାବିତିଙ୍କ ପାଇଁ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ୟାକେଜ୍ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଘୋଷଣା କରାଯାଇଛି। ଚୂଡାନ୍ତ ଆକଳନ ପରେ ଏହି ସହାୟତା ପରିମାଣ ବୃଦ୍ଧି କରାଯାଇପାରେ। ଆଜି ସକାଳେ ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଓ ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା କରିବା ପରେ ଲୋକସେବା ଭବନ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବନ୍ୟା କ୍ଷତିଗ୍ରସ୍ତ ଅଂଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଅଛନ୍ତି। ଅର୍ଥ ଏ ଦିଗରେ ପ୍ରତିବନ୍ଧକ ହେବ ନାହିଁ, ଯାହା ଆବଶ୍ୟକ ଯୋଗାଇ ଦିଆଯିବ। ବନ୍ୟାର କାରଣ ସମ୍ପର୍କରେ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ବର୍ଷା ପରିସ୍ଥିତି ଅତ୍ୟନ୍ତ ସ୍ୱାଭାବିକ ରହିଛି। ଜୁନ୍, ଜୁଲାଇ, ଅଗଷ୍ଟ ଗତ ତିନି ମାସ ମଧ୍ୟରେ ୧୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପରିମାଣ ସ୍ୱାଭାବିକ ବର୍ଷା ପରିମାଣରୁ ୩୪ ପ୍ରତିଶତ ଅଧିକ। ଗତ ୨୫ବର୍ଷ ମଧ୍ୟରେ ଏଭଳି ସ୍ଥିତି କେବେ ବି ହୋଇନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ କାଲି ସେ ସଡକ ମାର୍ଗରେ ଯାଇ ପ୍ରଭାବିତ ଅଂଚଳରେ ବୋଟ୍ ଯୋଗେ ଓ ପାଦରେ ଚାଲି ଚାଲି ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର କସପା ଓ ତରପଦା ପଂଚାୟତ ଅଂଚଳର ବିଭିନ୍ନ ଗ୍ରାମ ଓ ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଂଚାୟତର ବିଭିନ୍ନ ଗ୍ରାମର ଲୋକମାନଙ୍କୁ ଭେଟି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲା ରାମଚନ୍ଦ୍ରପୁର ସ୍କୁଲରେ ପ୍ରସ୍ତୁତ ହେଉଥିବା ରନ୍ଧା ଖାଦ୍ୟର ମାନ ଯାଂଚ କରିଥିଲେ। ଏହା ସହିତ ଭଦ୍ରକ ଜିଲ୍ଲାର ଦପାନାଆକାଣି ସ୍କୁଲ ସ୍ଥିତ ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସୁବିଧା ଅସୁବିଧା, ବିଶେଷକରି ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଗଣମାଧ୍ୟମକୁ ଏହି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରଙ୍କ ରିଲିଫ୍ ଓ ଅନ୍ୟାନ୍ୟ ସହାୟତା ବାବଦରେ ଜନସାଧାରଣ ସନ୍ତୁଷ୍ଟ ଅଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର। ଯେକୌଣସି ବିପର୍ଯ୍ୟାୟ ଆସୁନା କାହିଁକି, ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭଦ୍ରକ ଓ ଯାଜପୁର ସହିତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡା ଜିଲ୍ଲାରେ ମଧ ବନ୍ୟାସ୍ଥିତି ଉପୁଜିଛି। ଏହି ୬ଟି ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଜିଲ୍ଲା ଗୁଡିକର ୭୪ଟି ବ୍ଲକର ୧୩୮୧ଟି ଗାଁର ୯.୪୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩.୭୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ୫୫୦ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ୬ଟି ଜିଲ୍ଲାରେ ସମୁଦାୟ ୪୫ଟି ଘଉଜର, ୮ଟି ଡଉଜଇରଏବଂ ୬୫ଟି ଅଗ୍ନିଶମ ସେବା ଦଳ ନିୟୋଜିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ୧୦୦୦ କୋଟି ଟଙ୍କାର ପ୍ୟାକେଜ୍ ମଧ୍ୟରେ ବନ୍ୟା ପ୍ରଭାବିତ ଚାଷୀମାନଙ୍କ ପାଇଁ କୃଷି ଇନପୁଟ ସବସିଡି ସହିତ ବିଭିନ୍ନ ପ୍ରକାରର ସହାୟତା ବ୍ୟବସ୍ଥା କରାଯାଇଛଇ। ଏହା ହେଲା-

୧. ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ। ଏଥିରେ ୩୩ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଂଚଳରେ ହେକ୍ଟର ପିଛା ୮,୫୦୦ଟଙ୍କା, ଜଳସେଚିତ ଅଂଚଳରେ ହେକ୍ଟର ପିଛା ୧୭,୦୦୦ଟଙ୍କା ଏବଂ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ଟଙ୍କା କୃଷି ଇନ୍‌ପୁଟ ସବିସିଡି ପ୍ରଦାନ କରାଯିବ। ୨. କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ଅଣଧାନ (ଯଥା-ବିରି) ବିହନ କିଣିବା ନିମନ୍ତେ ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ। ସରକାରଙ୍କ ତରଫରୁ ସରକାରୀ ଓ ଘରୋଇ ବ୍ୟବସ୍ଥା ମାଧ୍ୟମରେ ଆବଶ୍ୟକୀୟ ବିହନ ଚାଷୀମାନଙ୍କୁ କିଣିବା ପାଇଁ ଉପଲବ୍ଧ କରାଯିବ। ୩. କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକଟ୍ ପ୍ରଦାନ କରାଯିବ। ବନ୍ୟା ପରବର୍ତ୍ତୀ ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୭୫% ସବିସିଡି ପ୍ରଦାନ କରାଯିବ।

୪. କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଂଟ ଗୁଡିକୁ ଯୁଦ୍ଧକାଳୀନ ଭିତିରେ ମରାମତି କରାଯିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ।

୫. ପ୍ରାଣୀସମ୍ପଦ କ୍ଷତିର ଭରଣା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହାବ୍ୟତୀତ ନଷ୍ଟ ହୋଇଯାଇଥିବା ଡଙ୍ଗା, ଜାଲ, ପୋଖରୀ ଇତ୍ୟାଦି ପାଇଁ ଆର୍ଥିକ ସହାୟତା ଦିଆଯିବ।

### ପାଠ୍ୟ ପୁସ୍ତକରେ ସାଙ୍ଘାତିକ ତ୍ରୁଟି ପ୍ରସଙ୍ଗ
## ବଲାଙ୍ଗିରରେ ଶିକ୍ଷା ବଞ୍ଚାଅ ଆନ୍ଦୋଳନରେ ବିଜେଡିର ରଣ ହୁଙ୍କାର

ଭୁବନେଶ୍ୱର,୧୮/୮ :ଜାତୀୟ ଶିକ୍ଷା ନୀତି (ଏନଇପି-୨୦୨୦)ରେ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ସାଙ୍ଘାତିକ ତ୍ରୁଟି ରହିଛି । ତ୍ରୁଟିକୁ ସଂଶୋଧନ ନକରି ଶିକ୍ଷା ବ୍ୟବସ୍ଥାକୁ ଭୁଶୁଡାଇବାକୁ ଯୋଜନା କରିଛି ବିଜେପି ସରକାର । ଏହାକୁ ବିରୋଧ କରି ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଅ ଆନେ୍ଦାଳନ କରାଯାଉଛି । ଏହି କ୍ରମରେ ବଲାଙ୍ଗୀର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗିର ବିଧାୟକ ଶ୍ରୀଯୁକ୍ତ କଳିକେଶ ନାରାୟଣ ସିଂହଦେଓଙ୍କ ଉପସ୍ଥିତିରେ ବିରାଟ ଗଣବିକ୍ଷୋଭ କରାଯାଇଥିଲା । ହଜାର ହଜାର ଯୁବ ଓ ଛାତ୍ର ବିରାଟ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଉପସ୍ଥିତ ରହିଥିଲେ । ପାଠ୍ୟପୁସ୍ତକ ପ୍ରିଣ୍ଟିଂରେ ୩୮୦ କୋଟି ଟଙ୍କାର ଦୁର୍ନୀତି ହୋଇଛି । ଏହି ଘଟଣାରେ ସିବିଆଇ ତଦନ୍ତ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଆସୁଛି ବିଜେଡି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଆଉ ୨/୩ ମାସ ପରେ ପିଲାଙ୍କ ପରୀକ୍ଷା ରହିଛି । ତ୍ରୁଟିପୂର୍ଣ୍ଣ ପୁସ୍ତକ ପ? ପରୀକ୍ଷା ଦେଲେ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ନଷ୍ଟ ହେବ । ବିଜେପି ସରକାର ଏଥିପ୍ରତି ଯତ୍ନଶୀଳ ନହୋଇ ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି । ଶିକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟିର ସମାଧାନ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ବିଜେଡିର ଆନେ୍ଦାଳନ ଜାରି ରହିବ । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ସମୟରେ ୫-ଟି ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ଓଡିଶା ପ୍ରସଂଶିତ ହୋଇଥିବା ବେଳେ ତ୍ରୁଟିପୂର୍ଣ୍ଣ ପୁସ୍ତକ ପାଇଁ ଜାତୀୟ ସ୍ତରରେ ଓଡିଶା ନିନ୍ଦିତ ହୋଇଛି । ପାଠ୍ୟପୁସ୍ତକରେ ଥିବା ଭୁଲ୍ କେବଳ ପ୍ରଶାସନିକ ଅବହେଳା ନୁହେଁ ବରଂ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଏବଂ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଉପରେ ଆକ୍ରମଣ ।

## ବନ୍ୟା ପ୍ରଭାବିତ ଜିଲ୍ଲାକୁ ରେଡକ୍ରସର ରିଲିଫ ସାମଗ୍ରୀ ପଠାଇଲେ ରାଜ୍ୟପାଳ




ଭୁବନେଶ୍ୱର,୧୮/୮ : ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପହଞ୍ଚାଇବା ଲକ୍ଷ୍ୟରେ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା (IRCS-OSB) ପକ୍ଷରୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା ପାଇଁ ପ୍ରଦତ୍ତ ରିଲିଫ ସାମଗ୍ରୀକୁ ମଙ୍ଗଳବାର ଦିନ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଲୋକଭବନରୁ ପଠାଇଛନ୍ତି।

ଏହି ରିଲିଫ ସାମଗ୍ରୀରେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକର ତୁରନ୍ତ ଆବଶ୍ୟକତା ପୂରଣ ପାଇଁ ତାରପୋଲିନ୍ ଓ ପୌଷ୍ଟିକ ଶୁଖିଲା ଖାଦ୍ୟ ପ୍ୟାକେଟ ରହିଛି। ରେଡକ୍ରସ୍‌ର ମାନବିକ ସେବା କାର୍ଯ୍ୟକୁ ପ୍ରଶଂସା କରି ରାଜ୍ୟପାଳ ଡ. କମ୍ଭମପାଟି ସମାଜସେବା ଓ ବିପର୍ଯ୍ୟୟ ମୁକାବିଲାରେ ଯୁବ ରେଡକ୍ରସ ସଦସ୍ୟ ଏବଂ ଯୁବ ସ୍ୱେଚ୍ଛାସେବୀଙ୍କ ଅଧିକ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ଜରୁରୀ ପରିସ୍ଥିତିରେ ରିଲିଫ ଓ ମାନବିକ ସହାୟତା କାର୍ଯ୍ୟରେ ସକ୍ରିୟ ଭାବେ ଯୋଗଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।କାର୍ଯ୍ୟକ୍ରମ ଅବସରରେ ରେଡକ୍ରସର ପ୍ରତିନିଧିମାନେ ରାଜ୍ୟପାଳଙ୍କୁ ସଂଗଠନ ଏବଂ ସେଣ୍ଟ ଜନ୍ ଆମ୍ବୁଲାନ୍ସର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଗୁଜରାଟ ଓ ପଞ୍ଜାବ ଗସ୍ତ ସମୟରେ ସେମାନେ ଦେଖିଥିବା ବିଭିନ୍ନ ଆଦର୍ଶ କାର୍ଯ୍ୟକ୍ରମ ଓ ଉତ୍ତମ ପଦକ୍ଷେପ ସମ୍ପର୍କରେ ମଧ୍ୟ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଯୁବ ରେଡକ୍ରସ ଏବଂ ୟୁଥ ଫର୍ ସେବାର ସ୍ୱେଚ୍ଛାସେବୀମାନଙ୍କ ସହ ମଧ୍ୟ ଆଲୋଚ଼ନା କରି ସମାଜସେବା ଓ ମାନବିକ ସହାୟତା କ୍ଷେତ୍ରରେ ସେମାନଙ୍କ ଭୂମିକା ଓ କାର୍ଯ୍ୟକଳାପ ସମ୍ପର୍କରେ ରାଜ୍ୟପାଳ ପଚ଼ାରି ବୁଝିଥିଲେ।ଏହି ଆଲୋଚ଼ନାରେ ରେଡକ୍ରସ୍‌ର କାର୍ଯ୍ୟକାରୀ ସଦସ୍ୟ ସ୍ୱୟଂ ପ୍ରକାଶ ବରାଳ, ସଚ଼ିବ ଗଣେଶ ଚ଼ନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଲାବଣ୍ୟ ଶବର, ଯୁଗ୍ମ ସମ୍ପାଦକ ଅଶୋକ କୁମାର ମହାନ୍ତି ଏବଂ ଜୁନିଅର ରେଡକ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସୂଚ଼ନା ଫଳକ ବିନା ଶେଷ ହେଲା ପିଏମ୍‌ଜିଏସ୍‌ୱାଇ ଘୁଘୁରପଲା ରାସ୍ତା ଓ ବ୍ରିଜ୍ ନିର୍ମାଣ କାର୍ଯ୍ୟ



ଟିଟିଲାଗଡ଼, ୧୮/୦୮: ଗ୍ରାମାଞ୍ଚଳର ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ସରକାରୀ ଅର୍ଥରେ ନିର୍ମିତ ପିଏମ୍‌ଜିଏସ୍‌ୱାଇ ରାସ୍ତା ଓ ବ୍ରିଜ୍‌ର ନିର୍ମାଣ ଗୁଣବତ୍ତାକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ ଘୁଘୁରପଲା ଗ୍ରାମର ପିଏମ୍‌ଜିଏସ୍‌ୱାଇ ଆର୍‌ଡି ରୋଡ୍‌ରୁ ଘୁଘୁରପଲା ପର୍ଯ୍ୟନ୍ତ ନିର୍ମିତ ରାସ୍ତା କାମ କିଛି ମାସ ତଳେ ଶେଷ ହୋଇଥିବାବେଳେ ଚ଼ଳିତ ବର୍ଷର ପ୍ରଥମ ଲଗାଣ ବର୍ଷାରେ ଏହାର ବିଭିନ୍ନ ସ୍ଥାନ କ୍ଷତିଗ୍ରସ୍ତ ହୋଇଥିବା ସ୍ଥାନୀୟଙ୍କ ଅଭିଯୋଗ। ବର୍ଷା ପରେ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉପୁଡ଼ିଯିବା, ଫାଟ ସୃଷ୍ଟି ହେବା ସହ ରାସ୍ତା ଭାଙ୍ଗିଯାଇଥିବା ଦେଖାଯାଇଛି। ବିଶେଷକରି ଘୁଘୁରପଲା ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ରାସ୍ତା ଭାଙ୍ଗିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିର୍ମାଣ ଶେଷ ହେବାର କିଛି ମାସ ମଧ୍ୟରେ ରାସ୍ତାର ଏଭଳି ଅବସ୍ଥାକୁ ନେଇ ନିର୍ମାଣର ମାନ ଓ ବିଭାଗୀୟ ତଦାରଖ ଉପରେ ପ୍ରଶ୍ନ ଉଠିଛି। ରାସ୍ତା ନିର୍ମାଣ ପରେ ଆଉ ଏକ ସମସ୍ୟା ଚ଼ାଷୀଙ୍କ ଚ଼ିନ୍ତା ବଢ଼ାଇଛି। ସାମାନ୍ୟ ବର୍ଷା ହେଲେ ରାସ୍ତାର ଉଭୟ ପାର୍ଶ୍ୱର ମାଟି ଧୋଇ ଚ଼ାଷ ଜମି ଭିତରକୁ ପଶୁଥିବା ଅଭିଯୋଗ ହୋଇଛି। ଫଳରେ ଚ଼ାଷ ଜମି ଓ ଫସଲ ପ୍ରଭାବିତ ହେଉଥିବା ଚ଼ାଷୀମାନେ କହିଛନ୍ତି। ଚ଼ାଷୀ ଡମ୍ବରୁ ଝାଙ୍କର, ଶେଷଦେବଙ୍କ ସମେତ ଅନ୍ୟ ଚ଼ାଷୀଙ୍କ କହିବା ଅନୁଯାୟୀ, ଚ଼ାଷ ସେମାନଙ୍କ ପରିବାର ପ୍ରତିପାଳନର ମୁଖ୍ୟ ଆଧାର। ହେଲେ ରାସ୍ତା ନିର୍ମାଣ ପରେ ବର୍ଷା ହେଲେ ରାସ୍ତାର ମାଟି ଜମିକୁ ଧୋଇଯାଉଥିବାରୁ ଚ଼ାଷ ପ୍ରଭାବିତ ହେଉଛି। ଡମ୍ବରୁ ଝାଙ୍କରଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ଓ ବ୍ରିଜ୍ ନିର୍ମାଣ ସମୟରେ ତାଙ୍କ ଚ଼ାଷ ଜମିରେ ବହୁ ପରିମାଣର ନିର୍ମାଣ ସାମଗ୍ରୀ ରଖାଯାଇଥିଲା। ଚ଼ାଷ ସମୟ ପୂର୍ବରୁ ଏହାକୁ ହଟାଇ ଦିଆଯିବ ବୋଲି ଠିକାଦାର ସଂସ୍ଥା ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କାମ ଶେଷ ହୋଇଥିଲେ ମଧ ଜମିରୁ ନିର୍ମାଣ ସାମଗ୍ରୀ ହଟାଯାଇନଥିବା ସେ ଅଭିଯୋଗ କରିଛନ୍ତି ।ଚ଼ାଷୀମାନେ ଅଭିଯୋଗ କରିଛନ୍ତି ଯେ, ସମସ୍ୟା ନେଇ ଠିକାଦାରଙ୍କୁ ଯୋଗାଯୋଗ କଲେ ମୁନସୀଙ୍କୁ କହିବାକୁ କୁହାଯାଉଛି। ପୁଣି ମୁନସୀଙ୍କୁ ଯୋଗାଯୋଗ କଲେ ଠିକାଦାରଙ୍କୁ କହିବାକୁ କୁହାଯାଉଛି। ଫଳରେ ଅଭିଯୋଗ ଠିକାଦାର ଓ ମୁନସୀଙ୍କ ମଧ୍ୟରେ ଘୁରୁଥିବାବେଳେ ସମସ୍ୟାର ସମାଧାନ ହେଉନଥିବା ସେମାନେ କହିଛନ୍ତି।

ଘୁଘୁରପଲା ରାସ୍ତା ନିର୍ମାଣକୁ ନେଇ ସବୁଠାରୁ ବଡ଼ ପ୍ରଶ୍ନ ଉଠିଛି ସୂଚ଼ନା ଫଳକକୁ ନେଇ। ରାସ୍ତାରେ ଲାଗିଥିବା ସୂଚ଼ନା ଫଳକଟି ଏହି ରାସ୍ତାର ନୁହେଁ, ଏହା ପୁରୁଣା ସୂଚ଼ନା ଫଳକ ବୋଲି ଜଣେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ କହିଥିବା ଜଣାପଡ଼ିଛି ।ଅନ୍ୟପକ୍ଷରେ, କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ଜେ.ଇ. ମାଝୀ ବାବୁଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ସେ ଫୋନ୍ ଉଠାଇ ଭାଙ୍ଗିଯାଇଥିବା ରାସ୍ତାର ମରାମତି ପରେ ସୂଚ଼ନା ଫଳକ ଲଗାଯିବ ବୋଲି କହିଥିବା ଜଣାପଡ଼ିଛି। ତେବେ ପ୍ରଶ୍ନ ଉଠୁଛି— ରାସ୍ତା ଓ ବ୍ରିଜ୍ ନିର୍ମାଣ ପୂର୍ବରୁ ସୂଚ଼ନା ଫଳକ ଲଗାଯାଇଥିଲା କି ଯଦି ନାହିଁ, ତେବେ କାହିଁକି ପ୍ରକଳ୍ପର ଅନୁମୋଦିତ ଅର୍ଥରାଶି, କାର୍ଯ୍ୟାଦେଶ, ନିର୍ମାଣ ଅବଧି, ଠିକାଦାର ସଂସ୍ଥା ଓ ତଦାରଖ ଅଧିକାରୀଙ୍କ ତଥ୍ୟ ସାଧାରଣ ଲୋକେ କେଉଁଠାରୁ ଜାଣିବେ ରାସ୍ତାରେ ବ୍ୟବହୃତ ନିର୍ମାଣ ସାମଗ୍ରୀର ମାନ, ନିର୍ମାଣ ପ୍ରକ୍ରିୟା, ବିଭାଗୀୟ ମାପ ଓ ବିଲ୍, କାର୍ଯ୍ୟ ସମ୍ପୂର୍ଣ୍ଣତା ପ୍ରମାଣପତ୍ର, ରକ୍ଷଣାବେକ୍ଷଣ ଦାୟିତ୍ୱ ଏବଂ ଚ଼ାଷୀଙ୍କ ଜମିରେ ପଡ଼ିଥିବା ନିର୍ମାଣ ସାମଗ୍ରୀ ସମ୍ପର୍କରେ ନିରପେକ୍ଷ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।ସରକାରୀ ଅର୍ଥରେ ନିର୍ମିତ ରାସ୍ତା ପ୍ରଥମ ଲଗାଣ ବର୍ଷାରେ ଯଦି ଭାଙ୍ଗିଯାଏ, ତେବେ ଏଥିପାଇଁ ଦାୟୀ କିଏ ଚ଼ାଷୀଙ୍କ ଜମି ଓ ଫସଲ ପ୍ରଭାବିତ ହେଲେ କ୍ଷତିର ଭରଣା କିଏ କରିବ ସୂଚ଼ନା ଫଳକ ବିନା ନିର୍ମାଣ କାର୍ଯ୍ୟ ଶେଷ ହେବା ପଛରେ କ'ଣ କାରଣ ଏସବୁ ପ୍ରଶ୍ନର ଉତ୍ତର ସହ ଘୁଘୁରପଲା ରାସ୍ତା ଓ ବ୍ରିଜ୍‌ର ଗୁଣବତ୍ତାର ନିରପେକ୍ଷ ଯାଞ୍ଚ କରି ଦାୟୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସମ୍ପାଦକୀୟ

## ପୁରୁଣା ମାମଲାର ଫଇସଲା

ଦେଶରେ ଦୀର୍ଘ ଚାରି ଦଶନ୍ଧିରୁ ଧରି ପଡି ରହିଥିବା ପୁରୁଣା ମାମଲାଗୁଡିକର ଆଶୁ ଫଇସଲା ପାଇଁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଚାରୋଟି ଉତ୍ସର୍ଗୀକୃତ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିବା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କଥାରେ ଅଛି 'ବିଳମ୍ବିତ ନ୍ୟାୟ' ବିଡମ୍ବିତ ନ୍ୟାୟ' ଅର୍ଥାତ ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ। ସୁପ୍ରିମକୋର୍ଟରେ ୪୦ ବର୍ଷ ଧରି ୨୬ଟି ମାମଲା ଶୁଣାଣୀ ଅପେକ୍ଷାରେ ପଡିରହିଛି। ଯାହା ମଧ୍ୟରେ ୨୪ଟି ସିଭିଲ୍ ଏବଂ ୨ଟି ଅପରାଧିକ ମାମଲା ରହିଛି। କହିବା ବାହୁଲ୍ୟ ଯେ, ୧୯୮୬ ମସିହାରୁ ଏହି ମାମଲାଗୁଡିକ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ସୁପ୍ରିମକୋର୍ଟର ବିଚାରପତି ପି.କେ. ମିଶ୍ର, ଏସଭିଏନ ଭାରତୀ, ମନୋଜ ମିଶ୍ର ଏବଂ ଉଜ୍ଜ୍ୱଳ ଭୂୟାଁଙ୍କ ନେତୃତ୍ୱରେ ଏହି ସ୍ୱତନ୍ତ୍ର ଖଣ୍ଡପୀଠଗୁଡିକ ଗଠିତ ହୋଇଛି। ସୁପ୍ରିମକୋର୍ଟରେ ଦଶନ୍ଧି ଦଶନ୍ଧି ଧରି ପଡିରହିଥିବା ମାମଲା ଗୁଡିକର ଚାପ ହ୍ରାସ ପାଇଁ ଏହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କୁହାଯାଇପାରିବ। କେବଳ ସୁପ୍ରିମକୋର୍ଟ ନୁହେଁ, ହାଇକୋର୍ଟ ଗୁଡିକରେ ଏବେ ୬୦ଲକ୍ଷ ମାମଲା ବିଚାରାଧୀନ ଥିବାବେଳେ ୮୦ହଜାର ମାମଲା ହେଉଛି ୩୦ବର୍ଷରୁ ଅଧିକ ପୁରୁଣା। ସୁପ୍ରିମକୋର୍ଟରେ ମଧ୍ୟ ୨୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ୫୫୮ଟି ମାମଲା ପଡିରହିଥିବାବେଳେ ୧୦ବର୍ଷରୁ ଅଧିକ ସମୟ ଧରି ୧୦,୦୯୪ ମାମଲା ବିଚାର ଅପେକ୍ଷାରେ ରହିଛି। ସେହିପରି ନ୍ୟାଶନାଲ ଜୁଡିସିଆଲ ଡାଟା ଗ୍ରୀଡ (ଏନଜେଡିଜି) ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ସୁପ୍ରିମକୋର୍ଟରେ ଏବେ ୯୬,୦୪୫ ମାମଲା ବିଚାର ଅପେକ୍ଷାରେ ରହିଥିବାବେଳେ ଏଥି ମଧ୍ୟରୁ ୩୭,୮୮୩ଟି ମାମଲା ଅର୍ଥାତ ୩୯.୪ ପ୍ରତିଶତ କେସ୍ ଏକ ବର୍ଷରୁ କମ୍ ପୁରୁଣା। ଉଲ୍ଲେଖ କରାଯାଇପାରେ ଯେ, ଉପରୋକ୍ତ ମାମଲା ଗୁଡିକ ଦେଶରେ ବିଭିନ୍ନ ହାଇକୋର୍ଟ ଓ ତଳ କୋର୍ଟ ଗୁଡିକରେ ପଡି ରହିଥିବା ମାମଲାଗୁଡିକ ମଧ୍ୟରେ ଏକ ହିମ ଖଣ୍ଡର ଅଗ୍ରଭାଗ ସଦୃଶ। ଦେଶରେ ବିଭିନ୍ନ କୋର୍ଟଗୁଡିକରେ ୨୦୨୫ ଶେଷ ସୁଦ୍ଧା ମୋଟ ୫୪ ମିଲିଅନ ମାମଲା ଫଇସଲା ଅପେକ୍ଷାରେ ରହିଥିବାବେଳ ସେଥିମଧ୍ୟରେ କେବଳ ୪୮ଲକ୍ଷ ମାମଲା ଜିଲ୍ଲା ଓ ନିମ୍ନ ଅଦାଲତ ଗୁଡିକରେ ପଡି ରହିଛି। ଜିଲ୍ଲା ଓ ତଳ କୋର୍ଟ ଗୁଡିକରେ ବର୍ଷ ବର୍ଷ ଧରି ମାମଲା ପଡିରହିବା, ତାରିଖ ପରେ ତାରିଖ ଗଡିଚାଲିବା କେବଳ ସାଧାରଣ ଲୋକ, ଯେଉଁମାନଙ୍କର ବିଚାର ବିଭାଗର ଉପରେ ଦୃଢ ଆସ୍ଥା ଓ ବିଶ୍ୱାସ ରହିଆସିଛି, ସେମାନଙ୍କର ଆଶା, ଭରସାକୁ କ୍ଷୁର୍ଣ୍ଣ କରୁନାହିଁ, ମାନସିକ ଯନ୍ତ୍ରଣାର କାରଣ ଭାବେ ଉଭା ହୋଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ। ପୁରୁଣା ତଥା ଦଶନ୍ଧି ଦଶନ୍ଧି ଧରି ପଡି ରହିଥିବା ମାମଲାଗୁଡିକର ତ୍ୱରିତ ଫଇସଲା ପାଇଁ ସୁପ୍ରିମକୋର୍ଟ ଯେଉଁ ଉଦାହରଣ ପ୍ରତିଷ୍ଠା କରିଛନ୍ତି, ସେହିପନ୍ଥା ଦେଶର ସମସ୍ତ ହାଇକୋର୍ଟ, ଜିଲ୍ଲାକୋର୍ଟ ଓ ନିମ୍ନ ଅଦାଲତ ଅନୁସରଣ କରିବା ଉଚିତ। ହାଇକୋର୍ଟଗୁଡିକ ସ୍ୱତନ୍ତ୍ର ଖଣ୍ଡପୀଠ ଏବଂ ଜିଲ୍ଲା ଓ ନିମ୍ନ ଅଦାଲତଗୁଡିକ ଉତ୍ସର୍ଗୀକୃତ ଚ୍ୟାନେଲମାନ ଗଠନ କରିବା ଜରୁରୀ, ଯାହାକି ଭାରତୀୟ ବିଚାର ବିଭାଗ ପ୍ରତି ଜନ ସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ଅତୁଟ ରଖିବାରେ ସହାୟକ ହେବ। କହିବା ବାହୁଲ୍ୟ ଯେ, ବିଚାରପତି ଅଭାବରୁ ବିଚାରାଧୀନ ମାମଲା ସଂଖ୍ୟା ବଢିଚାଲିଥିବା ନେଇ ସର୍ବଦା କୁହାଯାଉଥିବା ବେଳେ ନିକଟରେ ସୁପ୍ରିମକୋର୍ଟର ବିଚାରପତିଙ୍କ ସଂଖ୍ୟା ୩୪ ରୁ ୨୮କୁ ବୃଦ୍ଧି ପାଇଛି। ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ନେଇ ବିଧେୟକ ପାର୍ଲିଆମେଂଟରେ ଅନୁମୋଦିତ ହୋଇଛି। ସେହିପରି ଦେଶର ୨୫ଟି ହାଇକୋର୍ଟରେ ମୋଟ ୧୧୨୨ ମଂଜୁରୀ ପ୍ରାପ୍ତ ବିଚାରପତି ପଦବୀ ଥିବାବେଳେ ୩୪୧ ପଦବୀ ଖାଲି ପଡିଛି। ବର୍ତମାନ ହାଇକୋର୍ଟ ଗୁଡିକରେ ୭୮୧ ଜଣ ବିଚାରପତି କାର୍ଯ୍ୟରତ ଥିବାବେଳେ ନିକଟରେ ୪ଟି ହାଇକୋର୍ଟ ତଥା ମାଡ୍ରାସ, କୋଲକତା, କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶ ହାଇକୋର୍ଟରେ ୩୦ଜଣ ନୂତନ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ମୁଖ୍ୟ ବିଚାରପତି ପଦବୀ ଖାଲି ପଡିଥିବା ୧୧ଟି ହାଇକୋର୍ଟ ମଧ୍ୟରୁ ନିକଟରେ ୪ଟିରେ ନୂତନ ମୁଖ୍ୟ ବିଚାରପତି ଅବସ୍ଥାପିତ ହୋଇଛନ୍ତି। ତେଣୁ ସୁପ୍ରିମକୋର୍ଟଙ୍କ ପଦାଙ୍କ ଅନୁସରଣ କରି ହାଇକୋର୍ଟଗୁଡିକ ପୁରୁଣା ମାମଲାଗୁଡିକର ତ୍ୱରିତ ଫଇସଲା କରିବାକୁ ପଦକ୍ଷେପ ନେବେ ବୋଲି ଆଶା କରାଯାଏ।

# ଓଡିଶା ଅଭିଭାବକ ମହାସଂଘର ଶିକ୍ଷା ସତ୍ୟାଗ୍ରହ



ଭୁବନେଶ୍ୱର,୧୮/୮: ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର, ଆର୍ଥିକ ଦୁର୍ବଳ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ୨୫ % ଶିକ୍ଷା ଅଧିକାର ମାଗଣା ଶିକ୍ଷା ଯୋଜନାକୁ ଦ୍ୱାଦଶ ଶ୍ରେଣୀକୁ ବୃଦ୍ଧି ତଥା କେଜିରୁ ପିଜି ମାଗଣା ଶିକ୍ଷା ଯୋଜନାରେ ବୃତ୍ତିଗତ ଶିକ୍ଷାକୁ ସାମିଲ କରିବା ଦାବିରେ ଲୋୟର ପିଏମଜିରେ ସଭାପତି ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ପୁନର୍ବାର ଶିକ୍ଷା ସତ୍ୟାଗ୍ରହ ଆରମ୍ଭ କରିଛି ଓଡିଶା ଅଭିଭାବକ ମହାସଂଘ । ଭୁଲ ବହି ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଏ ସତ୍ୟାଗ୍ରହ ଚାଲିବ ବୋଲି କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି । ଶିକ୍ଷା ସତ୍ୟାଗ୍ରହ କୁ ସମର୍ଥନ ଜଣାଇ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ଡ଼ଃ ଅରୁଣ ସାହୁ, ପୂର୍ବତନ ମୁମ୍ବାଇ ପୋଲିସ କମିଶନର ଅରୂପ ପଟନାୟକ,ଭୁବନେଶ୍ୱରର ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ,ପୂର୍ବତନ ବିଧାୟକ ତଥା ଓଜେସି ସଭାପତି ଇଂ ମହମଦ ମୋକିମ, ପୂର୍ବତନ ସିପି ଆଇ ବିଧାୟକ ନାରାୟଣ ରେଡ୍ଡୀ, ଏନ ଏଚ୍ ଆର ସି ର କୋର ମେମ୍ବର ମନୋଜ ଜେନା, ସୂଚ୍ନା ଅଧିକାର ଅଭିଯାନର ଅଧକ୍ଷ ପ୍ରଦୀପ ପ୍ରଧାନ,ବରିଷ୍ଠ ସାମ୍ବାଦିକ ଗିରିଜା ଦାସ, ଆମ ଆଦମୀ ପାର୍ଟି ଆବାହକ ନିଶିକାନ୍ତ ମହାପାତ୍ର, ସନ୍ଦୀପ୍ତ ଦାସ ସିପିଆଇଏମଏଲ ର ଯୁଧିଷ୍ଠିର ମହାପାତ୍ର, ମହେନ୍ଦ୍ର ପରିଡା, ଲୋହିୟା ଏକାଡେମୀର ଦେବୀ ପ୍ରସାଦ ରାୟ,ଓଜେସି ନେତା ଶୁଭେନ୍ଦୁ ମଲିକ ଓ ସଂଗ୍ରାମ ମାଝୀ, ଜିତେନ୍ଦ୍ର ଦାସ, ରଞ୍ଜନ ଦାସ, ପ୍ରଦୀପ୍ତ ମିଶ୍ର, ରଙ୍ଗକ୍ଷଚ୍ରଣ ପ୍ରଧାନ ଆଦି ବରିଷ୍ଠ ଓ ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ । ମହାସଂଘ ସଭାପତି ବାସୁଦେବ ଭଟ୍ଟ ଓ ବିଜେଡି ନେତା ମନ୍ମଥ ରାଉତରାୟ ଆମରଣ ଅନଶନରେ ବସିଛନ୍ତି କ୍ଷ ପାଠ୍ୟପୁସ୍ତକରେ ଅଗଣିତ ତ୍ରୁଟି ଭଳି ଅସମ୍ବେଦନଶୀଳ ଓ ଅତ୍ୟନ୍ତ ଦାୟିତ୍ୱହୀନ ଘଟଣା ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ରାଜ୍ୟକୁ ନିନ୍ଦିତ କରି ଚାଲିଛି । ଏହି ପ୍ରସଙ୍ଗ ଅତ୍ୟନ୍ତ ମାରାତ୍ମକ,ଗୁରତର କ୍ଷ ଓଡ଼ିଶା ଶିକ୍ଷା ବ୍ୟବସ୍ଥାର ଇତିହାସରେ ଏକ କଳା ଅଧ୍ୟାୟ । କଳଙ୍କିତ ଅଧ୍ୟାୟର ଦସ୍ତାବିଜ ଭୁଲ ବହି କୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ । ମୁଖ୍ୟମନ୍ତ୍ରୀ ଭୁଲ ବହି ପ୍ରତ୍ୟାହାର ପାଇଁ କହିବା ପରେ କେଉଁ ମନ୍ଦ ଉଦ୍‌ଦେଶ ଆଧାରରେ ଏ ପର୍ଯ୍ୟନ୍ତ ବହି ଫେରା ଯାଇନ । ପିଲାଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ମହାସଂଘ ଆମରଣ ଅନଶନରେ ଦୁଇଦିନ ବସିବା ପରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରଶାସନର ଅନୁରୋଧ ପରେ ଅନଶନ ସ୍ଥଗିତ ରଖିଥିଲା । ଯେହେତୁ ଏପର୍ଯ୍ୟନ୍ତ ସରକାର ପୁସ୍ତକ ପ୍ରତ୍ୟାହାର କଲେନି ତେଣୁ ମହାସଂଘ ଶିକ୍ଷା ସତ୍ୟାଗ୍ରହ ଭଳି ଏହି ଚ୍ରମ ନିଷ୍ପତି ନେଇଛି କ୍ଷ ଯେତିକି ନିନ୍ଦିତ ହେଲେଣି ଆଉ ତାକୁ ନ ବଢ଼ାଇ ଏବର୍ଷ ସେହି ପୁରୁଣା ବହିରେ ପାଠ ପଢନ୍ତୁ । ଆସନ୍ତା ବର୍ଷ କୁ ନିର୍ଭୁଲ ବହିରେ ପାଠ ପଢ଼ାଯିବା ସମୟର ଆବଶ୍ୟକ ବୋଲି ଅଭିଭାବକ ମହାସଂଘ ଅନୁଭବ କରି ପୂର୍ବରୁ ବହୁବାର ଅନୁରୋଧ କରି ସାରିଛି କ୍ଷ ତେଣୁ ସରକାର ତୁରନ୍ତ ଜିଦି ପରିତ୍ୟାଗ କରି ଭୁଲ ବହି ପ୍ରତ୍ୟାହାର କରିବା ସହ ପୁରୁଣା ବହିରେ ପାଠ ପଢନ୍ତୁ । ଏଥି ସହିତ ଆର ଟି ଇ ରେ ପାରଦର୍ଶୀ ପୋର୍ଟାଲ ମାଧମରେ ଚ୍ୟନ କରାଯାଇ ପ୍ରାଇଭେଟ ସ୍କୁଲ ରେ ମାଗଣାରେ ପଢୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀ ପିଲାଙ୍କ ମାଗଣା ଶିକ୍ଷା ଅଷ୍ଟମ ଶ୍ରେଣୀ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ମହାସଂଘ ବହୁବାର ଦାବୀ କରି ଆସୁଛି ତେଣୁ ମହାସଂଘରେ ମଧ ଅନଶନ ପାଇଁ ଏହା ଦ୍ୱିତୀୟ ଦାବୀ ରହିଛୁ । ଯେହେତୁ ସରକାର କେଜି ରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପାଇଁ ଘୋଷଣା କରିଛନ୍ତି ତେଣୁ ଆଇନ, କୃଷି,ସିଟି, ବିଇଡି,ଶାରୀରିକ ଶିକ୍ଷା, ନର୍ସିଙ୍ଗ, ଶିଳ୍ପ ତାଲିମ, ସିଟି, ବିଇଡି ଆଦି ବୃତ୍ତି ଗତ ଶିକ୍ଷା ଆଦିକୁ ମଧ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ମହାସଂଘ ତୃତୀୟ ଦାବୀ ରଖିଛି । ଓଡିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ସତ୍ୟବ୍ରତ ପରିଜା, ମହାସଚ୍ିବ ଅଶୋକ ପାଇକରାୟ, ସାଧାରଣ ସମ୍ପାଦକ ସତ୍ୟଜିତ ଦାସ, ସୂର୍ଯ୍ୟନାରାୟଣ ଜେନା, ସଂଗଠନ ସମ୍ପାଦକ ପ୍ରକାଶ ମିଶ୍ର ଓ ଭୁବନେଶ୍ୱରସଭାପତିପଦ୍ମନାଭ ସାହୁ ଆଦି ରାଜ୍ୟର ରାଜନୈତିକ ନେତୃତ୍ୱ , ଛାତ୍ର ଛାତ୍ରୀ, ଗଣ ସଂଗଠନ, ବୁଦ୍ଧିଜୀବୀ , ଶିକ୍ଷାବିତ, ଅଭିଭାବକ, ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

# ସରଳା ଦେବୀଙ୍କ ଜନ୍ମ ତାରିଖ ୯ ପରିବର୍ତ୍ତେ ୧୯ ତାରିଖ ହେଲା କିପରି



ଭୁବନେଶ୍ୱର,୧୮/୮: କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ୨୦୧୧ ମସିହାରେ ପ୍ରକାଶିତ ସ୍ୱପ୍ନ ତଥା ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ୧୯୮୬ ମସିହାରେ ପ୍ରକାଶିତ କୋଣାର୍କ ପତ୍ରିକାରେ ରାଧାମୋହନ

ଗଡ଼ନାୟକ ସମ୍ପାଦକୀୟ ପୃଷ୍ଠାରେ ସରଳା ଦେବୀଙ୍କ ଜନ୍ମ ତାରିଖକୁ ଅଗଷ୍ଟ ୯ ଲେଖିଥିବା ବେଳେ ଏବେ ଓଡ଼ିଶା ସାହିତ୍ୟ ଏକାଡେମୀ କେମିତି ଅଗଷ୍ଟ ୧୯ ତାରିଖ ପାଳନ କରୁଛି ତାହା ଆଶ୍ଚର୍ଯ୍ୟର ବିଷୟ ।

ଓଡ଼ିଶାର ପ୍ରଥମ ମହିଳା ରାଜବନ୍ଦିନୀ ,ସ୍ୱାଧୀନତା ସଂଗ୍ରାମୀ ,ବିଧାୟିକା ଓ ସାହିତ୍ୟିକାଙ୍କ ଜନ୍ମ ତାରିଖକୁ ନେଇ ପ୍ରଶ୍ନବାଚ୍ୀ ସୃଷ୍ଟି ହୋଇଛି । ଏପରିକି ରାଜ୍ୟ ସରକାର ଓ ବିଧାନସଭାକୁ ଭ୍ରମିତ କରାଯାଇଛି । ଫଳରେ ରାଜ୍ୟ ପାଇଁ ତଥା ରାଜ୍ୟର ମହିଳାଙ୍କ ପାଇଁ ତ୍ୟାଗ କରିଥିବା ସରଳା ଦେବୀଙ୍କ ଜନ୍ମ ତାରିଖକୁ ୯ ପରିବର୍ତ୍ତେ ୧୯ ତାରିଖ କରି କେତେକ ବ୍ୟକ୍ତି କଟକରେ ସାରଳା ଭବନରେ ସରଳା ଦେବୀଙ୍କ ଜନ୍ମୋତ୍ସବ ପାଳନ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ଏ ସଂକ୍ରାନ୍ତରେ ଓଡିଶା ବିଧାନସଭାର ସଚ୍ିବଙ୍କୁ ପତ୍ର ଲେଖି ବିଧାନସଭାର ୱେବ ସାଇଟରେ ସରଳା ଦେବୀଙ୍କ ଜନ୍ମତାରିଖ ଅଗଷ୍ଟ ୧୯ ତାରିଖ,୧୯୦୪ ବୋଲି କେଉଁ ପ୍ରମାଣ ଆଧାରରେ ଉଲ୍ଲେଖ କରାଯାଇଛି ତାହାକୁ ଚ୍ାଲେଞ୍ଜ କରିଛନ୍ତି । ଉଲେଖନୀୟ ଯେ ସୂଚ୍ନା ଅଧିକାର ଆଇନ ଆଧାରରେ ଟ୍ରଷ୍ଟର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ପ୍ରଥମ ଉତ୍ତର ଓ ଦ୍ୱିତୀୟ ଉତ୍ତରରେ ସଠିକ ତଥ୍ୟ ଦେଇପାରିଲେ ନାହିଁ । ଅବଶ୍ୟ ପୂର୍ବ ବର୍ଷ ମାନଙ୍କରେ ବିଧାନସଭା ଗବେଷଣା ଶାଖା ପକ୍ଷରୁ ଅଧିକାରୀ ମାନେ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରିଥିଲେ ବୋଲି କହିଥିଲେ । ତେଣୁ ବିଧାନସଭାରେ ସେମିତି କୌଣସି ତଥ୍ୟ ନାହିଁ ବୋଲି । ସେହି ତଥ୍ୟ ଆଧାରରେ ଓଡିଶା ବିଧାନସଭା ୱେବ ସାଇଟକୁ ତଥ୍ୟ ପ୍ରଦାନ କରି ବିଧାନସଭା ୱେବ ସାଇଟରେ ଦିଆଯାଇଛି ବୋଲି ଉଲେଖ କରିଛନ୍ତି । ମାତ୍ର କୌଣସି ସଠିକ ରେକର୍ଡ ମିଳୁନାହିଁ ଏବଂ ଆମକୁ ମଧ୍ୟ ବିଧାନସଭା ତଥ୍ୟ ଦେବାକୁ ଅସମର୍ଥ ହୋଇଥିବା ଯୋଗୁଁ ୱେବ ସାଇଟରେ ସରଳା ଦେବୀଙ୍କ ଜନ୍ମ ତାରିଖ ୯ କୁ ବିଭ୍ରାନ୍ତ କରୁଛି ।

ତେବେ ବିଧାନସଭାର ବାଚ୍ସ୍ପତି ଶ୍ରୀମତୀ ସୁରମା ପାଢ଼ୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚ୍ରଣ ମାଝୀ ଯିଏ କି ଗୃହର ନେତା ଓ ବିରୋଧୀ ଦଳର ନେତା ନବୀନ ପଟନାୟକଙ୍କର ଆଗେ ଦୃଷ୍ଟି ଆକର୍ଷଣ କରୁଛୁ । ଏହାର ବିଧିବଦ୍ଧ ତଦନ୍ତ ଲାଗି ବାଚ୍ସ୍ପତି ମହୋଦୟାଙ୍କ ନିକଟରେ ଆମ୍ଭ ନିବେଦନ କରୁଛୁ । ଗତ ଅଗଷ୍ଟ ପନ୍ଦର ସ୍ୱାଧୀନତା ଦିବସରେ ଅନ୍ୟାନ୍ୟ ମହିଳା ସ୍ୱାଧୀନତା ସଂଗ୍ରାମୀ ମହିଳାଙ୍କ ଫଟୋ ରାଜ୍ୟ ସରକାର ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସ୍ଥାନିତ ଫଟୋ ପ୍ରଦର୍ଶନୀ କରିଥିବାବେଳେ ସରଳା ଦେବୀଙ୍କ ଫଟୋ ନଥିବା ଘଟଣା କେବଳ ସମସ୍ତଙ୍କୁ ବିସ୍ମିତ କରିନାହିଁ, ରାଜ୍ୟ ସରକାରଙ୍କୁ ମଧ ବଦନାମ କରିଛି ।

ବହୁ ସାହିତ୍ୟିକ ତଥା ଇତିହାସକାର ମାନେ ସରଳା ଦେବୀଙ୍କର ଜନ୍ମ ତାରିଖ ଅଗଷ୍ଟ ୯,୧୯୦୪ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି । ନିମ୍ନରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଗଲା । ଏପରିକି ରାଜ୍ୟ ସରକାରଙ୍କର ପାଠ୍ୟ ପୁସ୍ତକରେ ମଧ ଜନ୍ମ ତାରିଖ ଅଗଷ୍ଟ ୯,୧୯୦୪ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ପ୍ରତିବର୍ଷ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚ୍ରଣ ମାଝୀ , ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ସମେତ ପ୍ରାୟ ସମସ୍ତ ମନ୍ତ୍ରୀମଣ୍ଡଳ ବିଧାୟକ ମାନେ ଅଗଷ୍ଟ ୯ ତାରିଖରେ ସରଳା ଦେବୀଙ୍କର ଜନ୍ମଦିନରେ ଦିର୍ଘଦିନରୁ ଅଭିନନ୍ଦନ ଜଣାଇ ଆସୁଛନ୍ତି । ଏଣୁ ଅନୁରୋଧ ବିଧାନସଭାର ୱେବ ସାଇଟର ଯେଉଁ ତଥ୍ୟ ଟାମ୍ପରିଙ୍ଗ କରାଯାଇଛି ତାହାର ବିଧିବଦ୍ଧ ତଦନ୍ତ କରି ୱେବ ସାଇଟକୁ ସଂଶୋଧନ କରାଯାଉ ଏବଂ ବର୍ତ୍ତମାନଠାରୁ ରାଜ୍ୟସ୍ତରୀୟ ଉତ୍ସବ କରାଯିବା ସହିତ ସମସ୍ତ ରାଜ୍ୟସ୍ତରୀୟ ଉତ୍ସବରେ ଫଟୋ ପ୍ରଦର୍ଶିତ କରାଯାଉ ବୋଲି ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ତରଫରୁ ପ୍ରଦୋଷ ପଟନାୟକ, ସଭାପତି, ଗୁରୁକଲ୍ୟାଣ ମହାପାତ୍ର, ସମ୍ପାଦକ ତଥା ସଭ୍ୟ ରାଧାନାଥ ପ୍ରହରାଜ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମାନ୍ୟବର ବାଚ୍ସ୍ପତିଙ୍କ ପାଖରେ ଦାବି ରଖିଛନ୍ତି ।

# ଖାଲିଥିବା ଶିକ୍ଷକ ପଦବୀ ପୂରଣ ନିମନ୍ତେ ଆଶାୟୀ ଶିକ୍ଷକ ସଂଘର ମହାସମାବେଶ




ଭୁବନେଶ୍ୱର,୧୮/୮: ଓଡ଼ିଶାରେ ଖାଲିଥିବା ୬୦ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ପୂରଣ ନିମନ୍ତେ ଓଡ଼ିଶା ରାଜ୍ୟ ଆଶାୟୀ ଶିକ୍ଷକ ମହାସଂଘର ବିଧାନସଭା ସମ୍ମୁଖରେ ମହାସମାବେଶ ଅନୁଷ୍ଠିତ ହୋଇଅଛି ଏବଂ ତାଙ୍କର ୪ଦଫା ଦାବି ପୂରଣ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରି ରଖିବାକୁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଅଛି । ଦାବିଗୁଡ଼ିକ ମଧ୍ୟରେ (୧) ଅବସରପ୍ରାପ୍ତଙ୍କ ଅତିଥି ଶିକ୍ଷକ ନିଯୁକ୍ତି ନିଷ୍ପତ୍ତି ପ୍ରତ୍ୟାହାର କରାଯାଉ । (୨) ତୁରନ୍ତ ହାଇସ୍କୁଲ୍ ଶିକ୍ଷକ, ପିଇଟି ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଉ । (୩) ୪୫ ହଜାରରୁ ଉର୍ଦ୍ଧ୍ୱ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ, ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରାଯାଉ । (୪) ୧୯୨୯ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ କରାଯାଉ । ଏଠାରେ ଉଲ୍ଲେଖନୀୟ ଯେ, ସରକାର ଗତ ୨ ବର୍ଷ ମଧ୍ୟରେ ଗୋଟିଏ ହେଲେ ନୂଆ ଶିକ୍ଷକ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରିନାହାଁନ୍ତି । କେବଳ ପୂର୍ବ ସରକାରଙ୍କ ନିଯୁକ୍ତି ବିଜ୍ଞାପନ ଉପରେ ନିଯୁକ୍ତିପତ୍ର ବାଣ୍ଟିଛନ୍ତି । ଯୁବବର୍ଗ ବେକାର ଥିବା ବେଳେ ଅବସରପ୍ରାପ୍ତଙ୍କୁ ଅତିଥି ଶିକ୍ଷକ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିବାରୁ ଏହାକୁ ବିରୋଧ କରି ୧୦ ହଜାରରୁ ଉର୍ଦ୍ଧ୍ୱ ଆଶାୟୀ ଶିକ୍ଷକମାନଙ୍କର ଆଜିର ଏହି ମହାସମାବେଶ ଅନୁଷ୍ଠିତ ହୋଇଛି ବୋଲି ଆଶାୟୀ ଶିକ୍ଷକ ସଂଘର ରାଜ୍ୟ ସଭାପତି ସ୍ୱାଗତ ଦାସ ଜଣାଇଛନ୍ତି । ବର୍ତ୍ତମାନ ଓଡ଼ିଶାରେ ୬୦ ହଜାରରୁ ଉର୍ଦ୍ଧ୍ୱ ପ୍ରାଥମିକ, ଉଚ୍ଚପ୍ରାଥମିକ, ମାଧ୍ୟମିକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସ୍ୱତନ୍ତ୍ର ଶିକ୍ଷକ ପଦବୀ ଖାଲିଥିବା ବେଳେ ଦେଢଲକ୍ଷ ବେକାରୀ ସିଟି / ବି.ଏଡ୍. ଯୁବବର୍ଗ ନିଯୁକ୍ତି ଅପେକ୍ଷାରେ ଅଛନ୍ତି । ଅନ୍ୟପଟେ ଶିକ୍ଷକ ଅଭାବରୁ ଓଡ଼ିଶାର ଅଧିକାଂଶ ବିଦ୍ୟାଳୟରେ ପାଠପଢ଼ା ଘୋର ବ୍ୟାଘାତ ସୃଷ୍ଟି ହେଉଥିବାରୁ ତୁରନ୍ତ ସରକାର ଶିକ୍ଷକମାନଙ୍କୁ ନିଯୁକ୍ତ ଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ସମାଧାନର ବାଟ ବାହାର କରନ୍ତୁ, ନଚେତ୍ ଏ ଆନ୍ଦୋଳନ ଅନିର୍ଦ୍ଦିଷ୍ଟକାଳ ପାଇଁ ଚାଲୁ ରହିବ ବୋଲି ସଂଘର ସାଧାରଣ ସମ୍ପାଦକ ଉତ୍ତମ ମେହେର ଚେତାବନୀ ଦେଇଛନ୍ତି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୧୮/୮: ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପରିସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୧୫୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୧୨ ଟି, ଆବାସ ଯୋଜନା ସମ୍ପର୍କୀୟ ୩୫ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ ଟି, ପୋଲିସ ସହାୟତା ପାଇବା ପାଇଁ ୯ ଟି, ଭତ୍ତା ପାଇବା ପାଇଁ ୬ ଟି ଏବଂ ଅନ୍ୟାନ୍ୟ ୩୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୧ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜଗତସିଂହପୁର ଶ୍ରୀ ସତ୍ୟବ୍ରତ ଦାଶ, ଜିଲ୍ଲା ସ୍ତରୀୟ ଅଧିକାରୀ,କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ ।

## ପଥରଗଡିଆ ଠାରେ ସିପିଆଇ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ

ଭୁବନେଶ୍ୱର,୧୮/୮: ଦେଶରେ ସାମ୍ପ୍ରଦାୟିକ ଏକଛତ୍ରବାଦୀ ବିଭାଜନ, ଘୃଣା, ହିଂସା, ଶୋଷଣ, ଅତ୍ୟାଚ୍ାର ର ଶାସନ ବ୍ୟବସ୍ଥା ପରିବର୍ତ୍ତନ ଜରୁରୀ ଥିବାରୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଦେଶବ୍ୟାପୀ ପଲ୍ଲୀ ରୁ ଦିଲ୍ଲୀ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଚ୍ାଲିଛି। ଏହି କ୍ରମରେ ଆଜି ଭୁବନେଶ୍ୱର ଅନ୍ତର୍ଗତ ପତ୍ରଗୁଡ଼ିକ ମହିମା ନଗରଠାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସିପିଆଇ ର ରାଜ୍ଯ ସହ ସମ୍ପାଦକ ଜୟନ୍ତ ଦାସ,ରାଜ୍ଯ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା, ଭୁବନେଶ୍ୱର ଜୋନ ସମ୍ପାଦକ କୈଳାସ ପୁହାଣ, ସହସମ୍ପାଦକ ଶଙ୍କର ବାରିକ, ଶାଖା ସମ୍ପାଦକ ଛେତମ୍ବର ଭୋଇ, ସସ୍ମିତା ନାୟକ, ସୁଷମା ଭୋଇ, ଆରତୀ ନାୟକ, ବାସନ୍ତୀ ଭଞ୍ଜ, ପୁଜା ଭୋଇ, ବିପିନ ନାୟକ, ମୁରଲି ଭୋଇ, ବିଜୟ ଭୋଇ, ନୀଳା ଭୋଇ, ପିତବାସ ଭୋଇ, ଶରତ ଭୋଇ, ଲୋକନାଥ ଭୋଇ, ତ୍ରିନାଥ ଭୋଇଙ୍କ ସମେତ ଶତାଧିକ ପାର୍ଟି ନେତା ଓ ସମର୍ଥକ ଜନସମ୍ପର୍କ ପଦଯାତ୍ରା କରି ଦେଶରେ ଚ୍ାଲିଥିବା କଳୁଷିତ ବ୍ୟବସ୍ଥା ଓ କ୍ଷମତାର ପରିବର୍ତ୍ତନ ପାଇଁ ଘରକୁ ଘର ଜନ ସଚେତନତା କରାଇଥିଲେ। ଏହି ଜନସମ୍ପର୍କ ପଦଯାତ୍ରାରେ 'ହିସାବ ଦିଜିୟେ' ହିନ୍ଦି ସଂଗୀତ, ପ୍ରଫୁଲ୍ଲ କର ଙ୍କ 'ଜାଗରେ ଜାଗ ସାଥୀ ଗାଇ ଜୟଗୀତି', 'ଦେଶର ପରିବର୍ତ୍ତନ ସଂଘର୍ଷରେ ସାମିଲ ହୁଅ' ସ୍ଲୋଗାନ ସହ '୧ସେପ୍ଟେମ୍ବର ଦିଲ୍ଲୀ ଚ୍ାଲ - ଦିଲ୍ଲୀ ରାମଲୀଳା ମଇଦାନରେ ' ପରିବର୍ତ୍ତନ ଜରୁରୀ ମହା ସମାବେଶ'ର ସଫଳତା ପାଇଁ ବିଭିନ୍ନ ପ୍ରକାର ଧ୍ୱନୀ ଦିଆଯାଇଥିଲା।

# ଦାନଗଦି ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ଯାଜପୁର, ୧୮/୮ :ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦାନଗଦି ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ଶ୍ରୀ ସପନ କୁମାର ନନ୍ଦ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ପ୍ରକାଶ କରିଥିଲେ । ମୋଟ ୪୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୨ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୦୭ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ଯାଜପୁର, ଶ୍ରୀ ଲମ୍ବୋଦର ଖୁଣ୍ଟିଆ , ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡେପୁଟି କଲେକ୍ଟର, ଅଭିଯୋଗ ପ୍ରକୋଷ୍ଠ, ଶ୍ରୀ ସାରସ୍ୱତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାନଗଦି, ଶ୍ରୀ ପ୍ରଦୀପ କୁମାର ସେଠୀ, ତହସିଲଦାର, ଦାନଗଦି, ଶ୍ରୀ ରଞ୍ଜିତ୍ କୁମାର ମଲ୍ଲିକ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବିଭିନ୍ନ ଦାବି ନେଇ ସାମ୍ବାଦିକ ସମ୍ମିଳନୀ



ଭୁବନେଶ୍ୱର, ୧୮/୮: ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତାର ୮ଟି ସାମିଲ ସଂଗଠନ ଯଥା- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା), ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଅଲୋଷ୍ଟା), ନିଖିଳ ଉତ୍କଳ ସଂସ୍କୃତ ମହାସଂଘ, ନିଖିଳ ଉତ୍କଳ ମାଦ୍ରାସା ଶିକ୍ଷକ ସଂଘ, ଅବସରପ୍ରାପ୍ତ ଶିକ୍ଷକକର୍ମଚାରୀ ସଂଘ, ୬୬୨ ବର୍ଗ କର୍ମଚାରୀ ସଂଘ, ୪୮୮ ବର୍ଗ ଅଧ୍ୟାପକ ଓ କର୍ମଚାରୀ ସମନ୍ୱୟ ସମିତି, ଅଣଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘ, ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘ ପ୍ରଭୃତି ସଂଗଠନର ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ଦୁଇ ଦିନ ହେଲା ହଜାର ହଜାର ସଂଖ୍ୟାରେ ଦିନରାତି ବର୍ଷା ଓ ପବନକୁ ଭ୍ରୂକ୍ଷେପ ନକରି ଗାନ୍ଧୀମାର୍ଗରେ ପଡ଼ିରହିଛନ୍ତି । ସମସ୍ୟା ଏତେ ଜଟିଳ ଯେ ଜୀବନ ସେମାନଙ୍କ ନିକଟରେ ତୁଚ୍ଛ ପାଲଟି ଯାଇଛି । ଅଥଚ ସରକାରଙ୍କ ପକ୍ଷରୁ ସାମାନ୍ୟ ସମ୍ବେଦନଶୀଳତା ପରିଲକ୍ଷିତ ହେଉ ନାହିଁ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

ପ୍ରକାଶଥାଉକି, ଅଗଷ୍ଟ ୭ ତାରିଖ ଠାରୁ ବିଭିନ୍ନ ପର୍ଯ୍ୟାୟରେ ଦାବିପତ୍ର ପ୍ରଦାନ ଓ ଆନ୍ଦୋଳନ ଚାଲିଛି । ଅଥଚ ସରକାର ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନଙ୍କର ଦାବି ପୂରଣ କ୍ଷେତ୍ରରେ ପାଦଟିଏ ମଧ୍ୟ ଆଗକୁ ବଢ଼ାଇ ନାହାଁନ୍ତି । ଯୋଗ୍ୟ ବିବେଚିତ ବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ୩୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ମାଗଣାରେ ଶିକ୍ଷାଦାନ କରିଚାଲିଛନ୍ତି । ସେମାନଙ୍କୁ କାହିଁକି ଅନୁଦାନ ପ୍ରଦାନ କରାଯାଉ ନାହିଁ ବୋଲି ସମନ୍ୱୟ ସମିତି ପକ୍ଷରୁ ପ୍ରଶ୍ନ କରାଯାଇଛି । ସେହିପରି ସରକାରଙ୍କର କେଉଁ ଆଇନରେ ଅଛି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀଟି ୩୦ ବର୍ଷ ଚାକିରି କଲା ପରେ ଅବସର ନେବା ବେଳେ ଶୂନ୍ୟ ହସ୍ତରେ ବିଦାୟ ନେବେ । ପେନସନ୍ ନାହିଁ, ଚାକିରି ସର୍ତ୍ତାବଳୀ ନାହିଁ । ଅବସର ପରେ ସେ ମୂଲ ଲାଗେ କିମ୍ବା ପାନଦୋକାନ କରି ଗୁଜୁରାଣ ମେଣ୍ଟାଏ । ବାର୍ଦ୍ଧକ୍ୟ ଅବସ୍ଥାରେ ଔଷଧ ଟୋପାଏ ଖାଇବାକୁ ମଧ୍ୟ ତା ପାଖରେ ସମ୍ବଳ ନଥିବ, ସିଧା ସଳଖ ସରକାର ମାନବାଧିକାରକୁ ଉଲ୍ଲଙ୍ଘନ କରୁଛନ୍ତି ।

ଶିକ୍ଷକ କର୍ମଚାରୀମାନଙ୍କର ପ୍ରମୁଖ ଦାବୀଗୁଡ଼ିକ ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ୨୦୦୪ ମସିହାଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ କର୍ମଚାରୀମାନଙ୍କୁ ବ୍ୟବସ୍ଥା ଅନୁସାରେ ପେନସନ୍ ଓ ଅବସରକାଳୀନ ସୁବିଧା, ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ପାଳନ କରି ସମସ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ନ୍ୟାୟ ପ୍ରଦାନ କରିବା, ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ନୂତନ ପେନସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନସନ୍ ବ୍ୟବସ୍ଥା ଲାଗୁ କରିବା, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍କ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ କରିବା, ଗ୍ରେଡ଼ପେ ରେ ଥିବା ଅସଙ୍ଗତି ଦୂରୀକରଣ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ସମାନ କାମକୁ ସମାନ ଦରମା ପ୍ରଦାନ କରିବା ଏବଂ ରାଜ୍ୟର ସମସ୍ତ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାରୀ ବିଦ୍ୟାଳୟରେ ପ୍ରଚଳିତ ସମାନ ସୁବିଧା ସୁଯୋଗ ଯଥା- ଶିକ୍ଷାଉପକରଣ, ପୋଷାକ ଓ ସାଇକେଲ ଯୋଗାଇ ଦେବା ଇତ୍ୟାଦି । ବର୍ତ୍ତମାନର ଲୋକଙ୍କର ସରକାର ଏହି ଦାବିଗୁଡ଼ିକର ଗମ୍ଭୀରତାକୁ ହୃଦୟଙ୍ଗମ କରି ଅନୁଦାନରୁ ବାଦ୍ ପଡ଼ିଥିବା ସ୍ୱଳ୍ପ ସଂଖ୍ୟକ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ ସହିତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଚାକିରି ସର୍ତ୍ତାବଳୀ ସହିତ ପେନସନ୍ ପ୍ରଦାନ କରିବା ପାଇଁ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ସରକାରଙ୍କ ପାଖରେ ଦାବୀ ଉପସ୍ଥାପନ କରିଛନ୍ତି ।

ଆଜିର ସାଧାରଣ ସଭାରେ ରାଜ୍ୟର ବିଭିନ୍ନ ଗଣସଂଗଠନର ନେତୃତ୍ୱମାନଙ୍କ ମଧ୍ୟରୁ କଂଗ୍ରେସ ଦଳର ପ୍ରାକ୍ତନ ବିଧାୟିକା ସିପ୍ରା ମଲ୍ଲିକ୍, ବରିଷ୍ଠ ସଭ୍ୟ ଅଭୟ କୁମାର ସାହୁ, ଛାତ୍ର କଂଗ୍ରେସର ସଭାପତି ବିଭୂତି ଭୂଷଣ ମହାପାତ୍ର, ଓଡ଼ିଶା ଜନତା କଂଗ୍ରେସର ସଭାପତି ଇଂ ମହମ୍ମଦ ମୋକିମ୍, ଉପସଭାପତି ବଦ୍ରିନାରାୟଣ ମହାନ୍ତି, ପ୍ରଦୀପ୍ତ ପ୍ରଧାନ, ସି.ପି.ଆଇ.ର ପ୍ରାକ୍ତନ ବିଧାୟକ ନାରାୟଣ ରେଡ୍ଡି, ଗଣେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆନ୍ଦୋଳନରତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

ରାଜ୍ୟ ସରକାର ତୁରନ୍ତ ସମନ୍ୱୟ ସମିତିର ନେତୃତ୍ୱମାନଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନର ରାସ୍ତା ବାହାର କରନ୍ତୁ ନଚେତ୍ ଆଗାମୀ ଦିନରେ ଏଥିପାଇଁ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ରାଜ୍ୟସରକାର ଦାୟୀ ରହିବେ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ଶିକ୍ଷାବିତ ସୁଧାଂଶୁ ବାଳାଙ୍କ ଏକାଦଶାହ ଓ ସ୍ମୃତିଚାରଣ ଅନୁଷ୍ଠିତ



ଭୁବନେଶ୍ୱର, ୧୮/୮: ଶିକ୍ଷାବିତ, ସମାଜସେବୀକା ତଥା ବ୍ରହ୍ମେଶ୍ୱର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱର୍ଗତ ସୁଧାଂଶୁ ବାଳା ଦେଇଙ୍କ ଏକାଦଶାହ ଓ ସ୍ମୃତିଚାରଣ ସ୍ଥାନୀୟ ଶିଶୁପାଳ ସ୍ଥିତ ଆରସି ଭନଭେନସନ ଠାରେ ପୂର୍ବତନ ବିଦ୍ୟାର୍ଥୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି ।

ପ୍ରାକ୍ତନ ବିଦ୍ୟାର୍ଥୀ ତଥା ସାମ୍ବାଦିକ ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନା ରେ ଅନୁଷ୍ଠିତ ସ୍ମୃତିସଭାରେ ବିଦ୍ୟାର୍ଥୀ ରବି ନାରାୟଣ ସାହୁ, ସୁଚିସ୍ମିତା ସାମଲ, ଭାଗ୍ୟଲତା ପାତ୍ର, ତୃପ୍ତି ମହାପାତ୍ର, ବିନୋଦ ନନ୍ଦ, ପ୍ରତାପ ବରାଳ ଉପସ୍ଥିତ ରହିବା ସହ ତାଙ୍କ ଶିକ୍ଷାଦାନ, ସରଳ ଜୀବନ, ସମାଜସେବା ସହିତ ଜଣେ ମିଷ୍ଟଭାଷୀ ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଆଜିର ଯୁବସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ମତବ୍ୟକ୍ତ କରାଯାଇଥିଲା । ସ୍ମୃତି ସଭାକୁ ନିରୁପମା ରାଉତରାୟ ପରିଚାଳନା କରିଥିଲେ ।

# କବି କପିଳେଶ୍ୱର ବାରିକଙ୍କ କବିତା ସଂକଳନ 'ଭାବ ବଲ୍ଲରୀ'ର ପାଠକାର୍ପଣ



ଭୁବନେଶ୍ୱର ୧୮/୮ : ଭୁବନେଶ୍ୱର ସ୍ଥିତ କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ବିଶିଷ୍ଟ କବି କପିଳେଶ୍ୱର ବାରିକଙ୍କ କବିତା ସଙ୍କଳନ 'ଭାବ ବଲ୍ଲରୀ'ର ପାଠକାର୍ପଣ ପର୍ବ ଅନୁଷ୍ଠିତ ହୋଇଯାଇଛି । କବିଙ୍କ ସାହିତ୍ୟ ସୃଷ୍ଟି ଓ କବିତା ଚର୍ଚ୍ଚାକୁ କେନ୍ଦ୍ର କରି ଆୟୋଜିତ ଏହି ସାରସ୍ୱତ ସମାରୋହରେ ଓଡ଼ିଆ ସାହିତ୍ୟ ଜଗତର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗଦେଇଥିଲେ ।

ଡଃ ଶର୍ମିଷ୍ଠା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଭାତୀ ପଣ୍ଡା ମନ୍ତ୍ର ପାଠ କରିବା ସହ ପ୍ରଭାତୀ ପଣ୍ଡା ଏବଂ ରଘୁନାଥ ମିଶ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ।

ପ୍ରତିଷ୍ଠିତ ଭାଷାବିତ୍ ପଦ୍ମଶ୍ରୀ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗଦେଇଥିବାବେଳେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରଘୁନାଥ ମିଶ୍ର ସଭାପତିତ୍ୱ କରିଥିଲେ । ଡଃ. ପ୍ରଦୀପ୍ତ ରଥ ମୁଖ୍ୟ ଅତିଥି ଭାବରେ, ବିଶିଷ୍ଟ ସାହିତ୍ୟିକ ଡକ୍ଟର ଶରତ ଚନ୍ଦ୍ର ମିଶ୍ର , ବରିଷ୍ଠ କବି ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନିତ ଅତିଥି ଏବଂ କବି, ସାହିତ୍ୟିକ ଓ ସମାଲୋଚକ ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ । ଭାଷାବିତ୍ ଡକ୍ଟର ଦେବାଶିଷ ମହାପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ପୁସ୍ତକର ଚୟନିତ କବିତାଗୁଡ଼ିକୁ କବି ମିନତୀ ଦାଶ (ମାନି), କବି ବିଜୟବାଳା ପଟ୍ଟଯୋଷୀ, କବି ସୁପ୍ରିୟା ପଣ୍ଡା, କବି ସ୍ନେହା ମିଶ୍ର ଓ କବି ପ୍ରଣିତା ରାଣୀ ବେହେରା ପାଠ କରିଥିଲେ ।ଏହି ଅବସରରେ କବି କପିଳେଶ୍ୱର ବାରିକ ନିଜ ପୁସ୍ତକ ଓ କବିତା ସୃଜନ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ତାଙ୍କ କବିତାରେ ଜୀବନର ବିଭିନ୍ନ ଅନୁଭବ, ମାନବୀୟ ସମ୍ବେଦନା ଓ ଭାବବୋଧର ବିଭିନ୍ନ ଦିଗ ପ୍ରତିଫଳିତ ହୋଇଥିବାରୁ 'ଭାବ ବଲ୍ଲରୀ' ଓଡ଼ିଆ କବିତା ପାଠକଙ୍କ ପାଇଁ ଏକ ଉଲ୍ଲେଖନୀୟ ସୃଜନ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।ଉଦ୍‌ଘାଟକ ପଦ୍ମଶ୍ରୀ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ନିଜ ଆଶୀର୍ବଚନରେ ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧିରେ କବି ଓ ସୃଜନଶୀଳ ଲେଖକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀଙ୍କ ସମେତ ଅନ୍ୟ ବକ୍ତାମାନେ କବିଙ୍କ ସୃଜନଶୀଳତା ଓ 'ଭାବ ବଲ୍ଲରୀ'ର ସାହିତ୍ୟିକ ବିଶେଷତା ସମ୍ପର୍କରେ ନିଜ ମତ ରଖିଥିଲେ । ସାହିତ୍ୟ ଓ କବିତା ପ୍ରତି ଆଗ୍ରହୀ ବହୁ କବି, ଲେଖକ, ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କବି କପିଳେଶ୍ୱର ବାରିକଙ୍କୁ ଅଭିନନ୍ଦନ ଜଣାଇଥିଲେ । ପରିଶେଷରେ ଶ୍ରୀ ରାଜକିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଆ କବିତା ଓ ସାହିତ୍ୟ ଚର୍ଚ୍ଚାକୁ ଆହୁରି ସମୃଦ୍ଧ କରିବା ଦିଗରେ 'ଭାବ ବଲ୍ଲରୀ'ର ପ୍ରକାଶନ ଏକ ସାର୍ଥକ ପ୍ରୟାସ ବୋଲି ଉପସ୍ଥିତ ସାହିତ୍ୟିକମାନେ ମତପ୍ରକାଶ କରିଥିଲେ ।

# ବାଲିପାଟଣା ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ




ଭୁବନେଶ୍ୱର, ୧୮/୮ :ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟକ୍ଷ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଖୋରଧା ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧା ପ୍ରମୁଖ ଉପସ୍ଥିତ ଥିଲେ । ଜଣାଶୁଣାଣିକୁ ଆସିଥିବା ଜନସାଧାରଣମାନଙ୍କ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

ଆଜି ମୋଟ ୫୭ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିଲା ଓ ସେଥି ମଧ୍ୟରୁ ୨୭ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୩୦ଟି ଗୋଷ୍ଠୀଗତ ଅଭିଯୋଗ ଥିଲା । ସେଥି ମଧ୍ୟରୁ ୭ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା । ଜଣଙ୍କ ଆବେଦନକୁ ବିଚାରକୁ ନିଆଯାଇ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏତଦବ୍ୟତୀତ ସମସ୍ତ ଅଭିଯୋଗଗୁଡିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ଉପରେ ଅଧିକାରୀମାନେ ଗୁରୁତ୍ୱରୋପ କରିଥିଲେ । ଆଜିର ଶୁଣାଣି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ବାଲିପାଟଣା ବିଡିଓ ଶ୍ରୀ ଶୁଭ୍ରାଂଶୁ ଶେଖର ପାଢ଼ୀ, ତହସିଲଦାର କଳ୍ପନା ଦାସ,ଜିଲ୍ଲା ସାଧାରଣ ଅଭିଯୋଗ ଆସିଷ୍ଟାନ୍ତ କଲେକ୍ଟର ଭୁବନେଶ୍ୱରୀ କହଁର, ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ଲବ ଲାଇଫ ଲାଇନରେ ୮୦ତମ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର, ୧୮/୮ ::ଭୁବନେଶ୍ୱର ୟୁନିଟ୍ ୬ସ୍ଥିତ କ୍ଲବ ଲାଇଫ ଲାଇନ ରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ପବିତ୍ର ଅବସରରେ କ୍ଲବର ବରିଷ୍ଠ ସଦସ୍ୟ ଶ୍ରୀ କାଳୀ ଶଙ୍କର ପାଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିବା ବେଳେ ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀ ସିଦ୍ଧାର୍ଥ ମିଶ୍ର ଜାତୀୟ ସଂଗୀତ ଗାନ କରିଥିଲେ । ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପତାକା ଉତ୍ତୋଳନ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କୁ କ୍ଲବ ତରଫରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । କ୍ଲବର ବରିଷ୍ଠ ସଦସ୍ୟ ଶ୍ରୀ ମିଶ୍ର ୪ଜଣ ସଦସ୍ୟଙ୍କୁ ସେମାନଙ୍କର ବିଶିଷ୍ଟ ସେବା ପାଇଁ ପୁରସ୍କୃତ କରିଥିଲେ । ସେମାନେ ହେଲେ ଶ୍ରୀ ପୂର୍ଣ୍ଣେନ୍ଦୁ ମିଶ୍ର, ଡାନିଏଲ ସାହାଣୀ, ବିନୟ ଆଚାର୍ଯ୍ୟ ଓ ଶ୍ରୀ ଦିନେଶ ଚନ୍ଦ୍ର ସାହୁ । ସ୍ୱାଧୀନତା ଦିବସରେ କ୍ଲବ ତରଫରୁ ବୃକ୍ଷ ରୋପଣ କରାଯାଇଥିଲା । ବରିଷ୍ଠ ସଦସ୍ୟ ଶ୍ରୀ ମନୋରଞ୍ଜନ ପୃଷ୍ଟି, ଶ୍ରୀ ପ୍ରଶାନ୍ତ ପ୍ରହରାଜ, ଶ୍ରୀ ସିଦ୍ଧାର୍ଥ ମିଶ୍ର ଓ ଶ୍ରୀ ଧୀରଜ ବଳବନ୍ତରାୟ ବୃକ୍ଷରୋପଣ କରିଥଲେ । ଶେଷରେ କଣ୍ଠଶିଳ୍ପୀ ଶ୍ରୀ ସିଦ୍ଧାର୍ଥ ମିଶ୍ର, ଯଶୋବନ୍ତ ପଟ୍ଟନାୟକ, ଚୌଧୁରୀ ଦେବବ୍ରତ ଦାସ, ସମୀର ମହାପାତ୍ର ଓ ଅନନ୍ତ ବାସୁଦେବ ମିଶ୍ର ପ୍ରମୁଖ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ ।

## ଚାଷୀଙ୍କ ପ୍ରତି ହଇରାଣ ହରକତ ନୀତି ଆପଣାଉଛନ୍ତି ଓଡ଼ିଶା ସରକାର

# କୃଷିମନ୍ତ୍ରୀ ସାଧାରଣ ଚାଷୀଙ୍କୁ ଗଞ୍ଜେଇ ଚାଷ ସହିତ ସମ୍ପୃକ୍ତ କରିବା ଜଣେ ମନ୍ତ୍ରୀଙ୍କ ପକ୍ଷରେ ଅତ୍ୟନ୍ତ ଅଶୋଭନୀୟ ଓ ନିନ୍ଦନୀୟ : କଂଗ୍ରେସ




ଭୁବନେଶ୍ୱର,୧୮/୮: ଚାଷୀଙ୍କ ପ୍ରତି ବିଜେପି ସରକାରଙ୍କ ସାବତ ପୁଅ ବ୍ୟବହାରକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ଡଃ ହମିଦ ହୁସେନ

ଏଆଇସିସି (ଇଓଡଉ) ମୁଖପାତ୍ର ତଥା ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟର ପୂର୍ବତନ ନିର୍ଦ୍ଦେଶକ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ଓ ପୂର୍ବତନ ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ ଯୋଗଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ ।

ମୁଖପାତ୍ର ଡ଼ ହୁସେନ କହିଥିଲେ, ଓଡ଼ିଶା ସରକାରଙ୍କର ଚାଷୀମାନଙ୍କୁ ହଇରାଣ କରିବାର ଏକ ବହୁମୁଖୀ ଆଭିମୁଖ୍ୟ ରହିଛି - ମୁଖ୍ୟତଃ ଏମଏସପି (ଗଝଚ), ବୋନସ, ବୀମା ଏବଂ ସବସିଡିର ପ୍ରତିଶ୍ରୁତିବଦ୍ଧ ସହାୟତା ପୂରଣ ନକରିବା ଏବଂ ବହୁସ୍ତରୀୟ ଦୁର୍ନୀତି ତଥା ଶୋଷଣମୂଳକ କାର୍ଯ୍ୟକଳାପ ଯୋଗୁଁ ଏହା ଘଟୁଛି ।

ପ୍ରଥମ ଆକ୍ରମଣ ହେଉଛି ଚାଷୀଙ୍କ ପଞ୍ଜୀକରଣର ଏକ ଜଟିଳ ପ୍ରକ୍ରିୟା ମାଧ୍ୟମରେ, ଯାହା ବର୍ଷ ବର୍ଷ ଧରି କରାଯାଉଛି । ପ୍ରତିଥର ଏହି ବିଷୟକୁ ଅଧିକ ଜଟିଳ କରିବା ପାଇଁ ନୂଆ ଏବଂ କଠିନ ସର୍ତ୍ତ ଅଣାଯାଉଛି । ଜମି ଚାଷୋପଯୋଗୀ ହୋଇନଥାଇପାରେ କିମ୍ବା ବିକ୍ରି ହୋଇଯାଇଥାଇପାରେ ବୋଲି ବାହାନା କରି ଏହି ନୂତନ ପଞ୍ଜୀକରଣ କରାଯାଉଛି । ଏହା ଅଯୌକ୍ତିକ, କାରଣ ସମସ୍ତ ବିକ୍ରି ପଞ୍ଜୀକରଣ ରେଜିଷ୍ଟ୍ରି ଅଫିସ ମାଧ୍ୟମରେ କରାଯାଏ ଏବଂ ସରକାରଙ୍କ ପାଖରେ ପୂର୍ବରୁ ହିଁ ଏହି ସୂଚନା ଥାଏ ଓ ସେ ସେହି ଜମିକୁ ସ୍ୱତଃ ପ୍ରବୃତ୍ତ ଭାବେ ବାଦ୍ ଦେଇପାରିବେ । ଅନ୍ୟଥା କ୍ରେତା ମଧ୍ୟ ଜମି ବଦଳରେ ଟୋକନ ପାଇଁ ପଞ୍ଜୀକରଣ କରିଥାନ୍ତି । ଆର.ଆଇ. (ଜଓ) ମଧ୍ୟ ଜମି ଚାଷ ନହେବା ସମ୍ପର୍କରେ ସହଜରେ ସୂଚନା ପ୍ରଦାନ କରିପାରିବେ । ତେଣୁ ଟୋକନ ଜାରି କରିବା ପାଇଁ ପ୍ରତିବର୍ଷ ପଞ୍ଜୀକରଣ କରିବାର କୌଣସି ଆବଶ୍ୟକତା ନାହିଁ । ଏହା ବଦଳରେ ପ୍ରତିବର୍ଷ ସାମାନ୍ୟ ସଂଶୋଧନ କଲେ ଉଦ୍ଦେଶ୍ୟ ପୂରଣ ହୋଇପାରିବ ।

ଅଧିକନ୍ତୁ, ପଞ୍ଜୀକରଣ ପାଇଁ ଅନେକ ଦସ୍ତାବିଜ ସହିତ ଏକ ଜଟିଳ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼ିଥାଏ, ଯାହାକୁ ଏଡ଼ାଇ ଦିଆଯାଇପାରିବ । ଦିଆଯାଇଥିବା ସମୟ ମଧ୍ୟ ବହୁତ କମ୍, ଯାହା ବିଶେଷ କରି ଚାଷ ସମୟରେ ଆସିଥାଏ, ଯେତେବେଳେ ଚାଷୀମାନେ ବିଲରେ ବ୍ୟସ୍ତ ଥାନ୍ତି, କିନ୍ତୁ ସେମାନେ ନିଜ ବିଲ ବାଡ଼ି ଛାଡ଼ି ଦସ୍ତାବିଜ ସଂଗ୍ରହ ଏବଂ ପଞ୍ଜୀକରଣ ପାଇଁ ଲାଇନରେ ଛିଡ଼ା ହେବାକୁ ବାଧ୍ୟ ହୁଅନ୍ତି । ପ୍ରତ୍ୟେକ ଜିଲ୍ଲାରେ ଚାଷୀମାନେ ବର୍ଷ ବର୍ଷ ଧରି ଏହି କାରଣରୁ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଉଦାହରଣ ସ୍ୱରୂପ, ଏହି ବର୍ଷ ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରେ ଗତବର୍ଷର ୧ ଲକ୍ଷ ୭୪ ହଜାର ଚାଷୀଙ୍କ ପଞ୍ଜୀକରଣ ତୁଳନାରେ ଏପର୍ଯ୍ୟନ୍ତ ମାତ୍ର ୧୪,୦୦୦ ପଞ୍ଜୀକରଣ ଦେଖିବାକୁ ମିଳିଛି । ସବୁ ଜିଲ୍ଲାରେ କାହାଣୀ ସମାନ ।

ଏହା ବ୍ୟତୀତ, ଏଗ୍ରି-ଷ୍ଟାକ୍ (Agri-stack) ଚାଷୀଙ୍କ ଦୁରବସ୍ଥାକୁ ଆହୁରି ବଢ଼ାଇ ଦେଇଛି । ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ପତ୍ର ଜାରି କରିବା ଏବଂ ଟୋକନ ଜାରି ପାଇଁ ଚାଷୀଙ୍କ ପଞ୍ଜୀକରଣ ସହ ଏହାକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଏହା ପ୍ରତିଷ୍ଠା କରାଯାଇଛି । ଏହା ପୁଣି ଆର.ଓ.ଆର. (ଜଡଜ - ଜମି ପଟ୍ଟା) ସହିତ ସଂଯୁକ୍ତ । ଯଦି ଆର.ଓ.ଆର. ରେ ନାମ ନଥାଏ, ତେବେ କାର୍ଡ ଜାରି କରାଯାଏ ନାହିଁ । ଜମିର ସ୍ଥାୟୀ ବନ୍ଦୋବସ୍ତ ୧୯୭୨ ମସିହାରେ କରାଯାଇଥିଲା ଏବଂ ତା' ପରଠାରୁ କୌଣସି ବନ୍ଦୋବସ୍ତ ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ଏଭଳି ୨୫% ରୁ ଅଧିକ ଜମି ଅଛି ଯେଉଁଠାରେ ଜମିଗୁଡ଼ିକ ମାତାପିତା ଏବଂ ଜେଜେବାପା/ଆଈଙ୍କ ନାମରେ ରହିଛି, ଯେଉଁମାନେ କି ବହୁ ପୂର୍ବରୁ ମୃତ୍ୟୁବରଣ କଲେଣି । ସମ୍ପତ୍ତି ଭାଗବଣ୍ଟା କରାଯାଇ ନାହିଁ । ଏହା ସରକାରଙ୍କ ପାଖରେ ମୃତ ବ୍ୟକ୍ତିଙ୍କ ନାମରେ ପରିଚୟ ପତ୍ର ଜାରି କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଛାଡୁନାହିଁ । ଏହା ଅତ୍ୟନ୍ତ ବିଡ଼ମ୍ବନା ଏବଂ ହାସ୍ୟାସ୍ପଦ । ଅନେକ କ୍ଷେତ୍ରରେ ସେହି ବ୍ୟକ୍ତିମାନେ ଜୀବିତ ଥିବା ସମୟରେ ଆଧାର କାର୍ଡର ଅସ୍ତିତ୍ୱ ହିଁ ନଥିଲା ଏବଂ ଏବେ ଆଧାର କାର୍ଡର ନକଲ ମାଗିବା ବ୍ୟବସ୍ଥାକୁ ଉପହାସ କରୁଛି ।

ଏହି ପ୍ରକ୍ରିୟାର ସରଳୀକରଣ ଆବଶ୍ୟକ ଏବଂ ପ୍ରକୃତ ଦାୟାଦମାନଙ୍କୁ କାର୍ଡ ଜାରି କରିବା ପାଇଁ କେବଳ ସାଧାରଣ ଉତ୍ତରାଧିକାରୀ ପ୍ରମାଣପତ୍ର (Legal Heir Certificate) ହିଁ ଯଥେଷ୍ଟ ହେବା ଉଚିତ । ଜମି ରେକର୍ଡ ସମ୍ପୂର୍ଣ୍ଣ ଭାବେ ସଂଶୋଧନ ନହେବା ପର୍ଯ୍ୟନ୍ତ ଏହି ଏଗ୍ରି-ଷ୍ଟାକକୁ ସରକାରଙ୍କୁ ଧାନ ବିକ୍ରି ପାଇଁ ଟୋକନ ଜାରି କରିବା ପ୍ରକ୍ରିୟା ସହ ସଂଯୋଗ କରାଯିବା ଉଚିତ ନୁହେଁ । ଏହା ରାଜସ୍ୱ ବିଭାଗର କର୍ତ୍ତବ୍ୟ, ଯେଉଁଥିରୁ ଏହା ଦୂରେଇ ଯାଉଛି ।

ରେକର୍ଡ ଅପଡେଟ୍ ନହେବା ଏବଂ ଜୀବିତ ଥିବା ବ୍ୟକ୍ତିଙ୍କ ନାମରେ ଜମି ସଠିକ୍ ଭାବେ ପଞ୍ଜୀକୃତ ନହେବା ପର୍ଯ୍ୟନ୍ତ ପୂର୍ବ ପ୍ରଥାକୁ ଅନୁସରଣ କରାଯିବା ଉଚିତ । ସବୁଠାରୁ ସରଳ ଉପାୟ ହେଉଛି ଉତ୍ତରାଧିକାରୀ ପ୍ରମାଣପତ୍ର ଆଧାରରେ ସମ୍ପତ୍ତିର ସମସ୍ତ ଅଂଶୀଦାରଙ୍କ ପଞ୍ଜୀକରଣ କରିବା । ସେମାନଙ୍କର ପ୍ରାପ୍ୟ ଅଂଶକୁ ବିଚାରକୁ ନିଆଯାଇ ସେହି ଅନୁଯାୟୀ ଟୋକନ ଜାରି କରାଯାଉ, କାରଣ ଯୌଥ ପରିବାରରେ ଅନେକ ବିବାଦ ରହିଛି । ସେହି ପ୍ରଥା ହିଁ ଥିଲା ଯାହାକୁ ସୁରୁଖୁରୁରେ କାର୍ଯ୍ୟ ପରିଚାଳନା ପାଇଁ ବଜାୟ ରଖିବା ଆବଶ୍ୟକ ।

ଅନ୍ୟ ଏକ ଦିଗ ହେଉଛି ଭାଗଚାଷୀଙ୍କ ପଞ୍ଜୀକରଣର ବାଧ୍ୟତାମୂଳକ ବ୍ୟବସ୍ଥା । ଏହି କ୍ଷେତ୍ରରେ ମଧ୍ୟ, ଜମି ମାଲିକମାନଙ୍କ ଦ୍ୱାରା ଚାଷୀଙ୍କ ସପକ୍ଷରେ ସରଳ ଫର୍ମ ସ୍ୱାକ୍ଷର କରାଯାଉଥିଲା, ଯଦ୍ୱାରା ପ୍ରକୃତ ଚାଷୀମାନେ ଟୋକନ ପାଉଥିଲେ ଏବଂ ସେମାନଙ୍କର ଉତ୍ପାଦ ବିକ୍ରି କରିବା ସହ ବୀମା, ସାର ଏବଂ ଅନ୍ୟାନ୍ୟ ସୁବିଧା ପାଇବାକୁ ସକ୍ଷମ ହେଉଥିଲେ । ଏହା ପ୍ରକୃତରେ ଜମି ଚାଷ କରୁଥିବା ଅନେକ ଚାଷୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି ।

ଚାଷୀମାନଙ୍କୁ ସରକାରୀ ନିୟମକାନୁନରେ ଛନ୍ଦି ରଖିବା ପରିବର୍ତ୍ତେ, ବିଶେଷ କରି ଚାରିଆଡ଼ ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ଏହି ଦୁରବସ୍ଥା ସମୟରେ ସେମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ଉଚିତ ।

ଏହା ସହିତ ସାର ବଣ୍ଟନରେ ବ୍ୟାପକ ଦୁର୍ନୀତି ଏବଂ ଅପାରଗ ବ୍ୟବସ୍ଥା ମଧ୍ୟ ଯୋଡ଼ି ହୋଇଛି । ଭାରତର ସୋଟ ସାର ଆବଶ୍ୟକତା ୪୦ ନିୟୁତ ମେଟ୍ରିକ ଟନ, ଯେଉଁଥିରେ ୟୁରିଆ, ଡିଏପି (DAP) ଏବଂ ଗ୍ରୋମୋର (Gromor) ସାମିଲ ଅଛି, ଯେଉଁଠାରେ କି ଏହା କେବଳ ୩୦ ନିୟୁତ ମେଟ୍ରିକ ଟନ ପରିଚାଳନା କରିପାରୁଛି । ଏଥିରେ ୧୦ ନିୟୁତ ଟନ ସାରର ଅଭାବ ରହିଛି । ସାର ମନ୍ତ୍ରୀଙ୍କ ସଂସଦୀୟ ବିବୃତିରେ ଦାବି କରାଯାଇଛି ଯେ କେନ୍ଦ୍ର ଓଡ଼ିଶାକୁ ୪.୭ ନିୟୁତ ମେଟ୍ରିକ ଟନ ସାର ଜାରି କରିଛି । ଯଦି ଏହା ସତ୍ୟ ହୋଇଥାନ୍ତା, ତେବେ ପ୍ୟାକ୍ସ (PACS), ମାର୍କଫେଡ୍ (MARKFED) ଏବଂ ଅନୁମୋଦିତ ଖୁଚୁରା ବ୍ୟବସାୟୀଙ୍କ ପାଖରେ ସାରର ଏତେ ବଡ଼ ଅଭାବ କାହିଁକି ଅଛି ଏବଂ ଖୋଲା ବଜାରରେ ଖୁଚୁରା ବ୍ୟବସାୟୀଙ୍କ ଦ୍ୱାରା ୫୦ କିଲୋଗ୍ରାମର ୟୁରିଆ ବ୍ୟାଗ୍ ନିର୍ଦ୍ଧାରିତ ମୂଲ୍ୟ ୨୬୫ ଟଙ୍କା ବଦଳରେ ୬୦୦ ରୁ ୮୦୦ ଟଙ୍କାରେ କାହିଁକି ବିକ୍ରି ହେଉଛି କୋରାପୁଟରେ ଆଦିବାସୀ ଅଞ୍ଚଳରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ନିର୍ଦ୍ଧାରିତ ମୂଲ୍ୟ ୧୯୦୦ ଟଙ୍କା ବଦଳରେ ଗ୍ରୋମୋର ୩୦୦୦ ଟଙ୍କାରେ ବିକ୍ରି ହେଉଛି । ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଇତ୍ୟାଦିରୁ ରିପୋର୍ଟ ଆସିଛି ଯେ ନିର୍ଦ୍ଧାରିତ ମୂଲ୍ୟ ୧୨୦୦ ଟଙ୍କା ବଦଳରେ ଡିଏପି ପ୍ରତି ବ୍ୟାଗ୍ ୨୦୦୦ ଟଙ୍କାରେ ବିକ୍ରି ହେଉଛି ଏବଂ ଏହାର ଏକ ବଡ଼ ପରିମାଣ ଛତିଶଗଡ଼କୁ ଚୋରା ଚାଲାଣ କରାଯାଉଛି । ଉପକୂଳ ଓଡ଼ିଶା ମଧ୍ୟ ସମାନ ଭାବେ ପ୍ରଭାବିତ, କିନ୍ତୁ ପଶ୍ଚିମ ଓଡ଼ିଶା ଛତିଶଗଡ଼କୁ ସାର ଚୋରା ଚାଲାଣ ପାଇଁ ଏକ ସୁରକ୍ଷିତ ସ୍ଥାନ ପାଲଟିଛି ।

ବିଭିନ୍ନ କାରଣ ଯୋଗୁଁ ଏହି ସମସ୍ୟା ବହୁ ଗୁଣିତ ହୋଇଛି । ଓଡ଼ିଶାରେ ଖରିଫ ସାର ଆବଶ୍ୟକତା ୭ ନିୟୁତ ମେଟ୍ରିକ ଟନ, କିନ୍ତୁ କେନ୍ଦ୍ର ସରକାରଙ୍କ ଯୋଗାଣ ଅତ୍ୟନ୍ତ ନିଅଣ୍ଟିଆ । ଦ୍ୱିତୀୟତଃ, ପ୍ରତ୍ୟେକ ଜିଲ୍ଲାକୁ ଏହାର ଅଂଶ କେବଳ କାଗଜପତ୍ରରେ ଆବଣ୍ଟନ କରାଯାଉଛି, ଯେତେବେଳେ କି ପ୍ରକୃତରେ ଏହା ମାଟିରେ ପହଞ୍ଚୁ ନାହିଁ । ଏକ ପ୍ରମୁଖ ଅଂଶ ମଝିରେ ହିଁ ଗାୟବ ହୋଇଯାଉଛି କାରଣ ଏହାକୁ ବାଟମାରଣା କରାଯାଉଛି । ଏହା ସହିତ ପ୍ୟାକ୍ସ (PACS) ବେଆଇନ ଭାବେ ଏହାର ଏକ ବଡ଼ ପରିମାଣ ଖୁଚୁରା ବ୍ୟବସାୟୀ ଏବଂ ଅନ୍ୟାନ୍ୟ ସାର ହୋଲସେଲରମାନଙ୍କୁ ଚୋରା ଚାଲାଣ କରୁଛି । ସରକାରୀ ସାର ଯୋଗାଣ ଅନୁମୋଦିତ ଖୁଚୁରା ବ୍ୟବସାୟୀଙ୍କୁ ଉପଲବ୍ଧ କରାଯାଉଛି ଯେଉଁମାନେ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି କରିବା କଥା । ସେମାନେ କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି ଏବଂ ଦୁଇ ଗୁଣ କିମ୍ବା ତିନି ଗୁଣ ମୂଲ୍ୟରେ ବିକ୍ରି କରୁଛନ୍ତି । ଜିଲ୍ଲା ସ୍ତରୀୟ ପ୍ରବର୍ତ୍ତନ ଏବଂ ଟାସ୍କ ଫୋର୍ସ ଅଧିକାରୀମାନେ ପ୍ୟାକ୍ସ ଅଧିକାରୀଙ୍କ ପରି କଳାବଜାରୀ ଏବଂ ଚୋରା ଚାଲାଣକାରୀଙ୍କ ସହ ହାତ ମିଳାଇଛନ୍ତି । ସେମାନଙ୍କ ମଧ୍ୟରୁ କିଛି ଜଣ ଚଢ଼ାଉ କରି ୟୁରିଆର ବିପୁଳ ବେଆଇନ ମହଜୁଦ ଆବିଷ୍କାର କରିଛନ୍ତି । ଗଣମାଧ୍ୟମ ମଧ୍ୟ ଏହାକୁ କଭର କରିଛି । ସେମାନେ ସ୍ୱୀକାର କରୁଛନ୍ତି ଯେ ଏଥିରେ ମନ୍ତ୍ରୀ ଏବଂ ବରିଷ୍ଠ ବିଜେପି ନେତାମାନେ ସାମିଲ ଅଛନ୍ତି ଏବଂ ସେମାନଙ୍କର ଏଥିରେ ଅଂଶ ରହିଛି । ଲୋକଙ୍କ ସେବା କରିବାକୁ ଥିବା ରାଜନୈତିକ କାର୍ଯ୍ୟନିର୍ବାହୀ ଏବଂ ଅମଲାତନ୍ତ୍ର, ଚାଷୀଙ୍କ ଶୋଷଣର ମାଧ୍ୟମ ସାଜିଛନ୍ତି ।

ଚାଷୀଙ୍କ ଗଭୀର କ୍ଷତରେ ଲୁଣ ଛିଞ୍ଚି କୃଷିମନ୍ତ୍ରୀ ଏବଂ ନାଗରିକ ଯୋଗାଣ ମନ୍ତ୍ରୀମାନେ ଚାଷୀଙ୍କ ପ୍ରତି ଉଦାସୀନ ଏବଂ ଦାୟିତ୍ୱହୀନ ମନୋଭାବ ପ୍ରଦର୍ଶନ କରି ଉତ୍ତେଜନାମୂଳକ ବିବୃତି ଦେଉଛନ୍ତି । କୃଷି ମନ୍ତ୍ରୀ କହିଛନ୍ତି ଯେଉଁମାନେ ଗଞ୍ଜେଇ ଚାଷ କରୁଛନ୍ତି ଏବଂ ବନ୍ୟା ଦ୍ୱାରା ପ୍ରଭାବିତ ଫସଲଗୁଡ଼ିକୁ ୟୁରିଆ ବ୍ୟବସ୍ଥାରୁ ବାଦ୍ ଦିଆଯିବ ବୋଲି କହିବା ଅତ୍ୟନ୍ତ ନିନ୍ଦନୀୟ !! ଏହା ଦର୍ଶାଉଛି ଯେ ସରକାରଙ୍କ ପାଖରେ ଗଞ୍ଜେଇ ଚାଷୀଙ୍କ ସୂଚନା ରହିଛି, ତେବେ ଏହାକୁ ରୋକିବା ପାଇଁ ସେ କଣ ପଦକ୍ଷେପ ନେଉଛନ୍ତି ଚାଷୀମାନଙ୍କୁ ସେମାନଙ୍କ ସହ ସମାନ କରିବା ଚାଷୀଙ୍କ ପ୍ରତି ଏକ ଅପମାନ । ଦାୟିତ୍ୱହୀନ ଏବଂ ନିନ୍ଦନୀୟ ବ୍ୟକ୍ତବ୍ୟ - ଏକ ମନ୍ତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ଅଶୋଭନୀୟ । ଅଧିକନ୍ତୁ, ଯଦି ସରକାର ବନ୍ୟା ପ୍ରଭାବିତ ଚାଷୀଙ୍କ ବିଷୟରେ ଅବଗତ ଅଛନ୍ତି, ତେବେ ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରନ୍ତୁ । ଆଂଶିକ ପ୍ରଭାବିତ ଚାଷ ଜମି ମଧ୍ୟ ଅନ୍ତତଃ ପକ୍ଷେ କ୍ଷତି ଭରଣା କରିବା ପାଇଁ ସାର ପାଇବାକୁ ଯୋଗ୍ୟ ହେବା ଉଚିତ ।

ପ୍ରତ୍ୟେକ ଚାଷୀଙ୍କ ପାଖରେ ସେମାନଙ୍କ ଜମି ପରିମାଣ ଅନୁପାତରେ ଟୋକନ ପହଞ୍ଚିବା ନିଶ୍ଚିତ କରାଯିବା ଉଚିତ । ଆନ୍ଧ୍ର ବ୍ୟବସାୟୀଙ୍କ ନିକଟରେ ଚାଷୀଙ୍କ ଦ୍ୱାରା କ୍ୱିଣ୍ଟାଲ ପ୍ରତି ୧୫୦୦ ରୁ ୧୭୦୦ ଟଙ୍କାରେ ଧାନର ଅଭାବୀ ବିକ୍ରିର ଗତ ବର୍ଷର କାହାଣୀ ଯେପରି ପୁନରାବୃତ୍ତି ନହୁଏ, ତାହା ସରକାର ନିଶ୍ଚିତ କରିବା ଉଚିତ । ଏଫଏକ୍ୟୁ (ରଇଛ) ଆଧାରରେ ଓଜନ କାଟି ଚାଷୀଙ୍କୁ ଶୋଷଣ କରୁଥିବା ପ୍ୟାକ୍ସ ଏବଂ ରାଇସ୍ ମିଲ୍ ମାଲିକମାନଙ୍କ ବେଆଇନ ମଧୁଚନ୍ଦ୍ରିକାକୁ ତୁରନ୍ତ ବନ୍ଦ କରାଯାଉ । ସ୍ୱଚ୍ଛତା ବଜାୟ ରଖାଯାଉ ଏବଂ ଚାଷୀଙ୍କ ତାଲିକା ଓ ଟୋକନ ସଠିକ୍ ଭାବେ ପ୍ରଦର୍ଶିତ କରାଯାଉ ଏବଂ ଅଭିଯୋଗଗୁଡ଼ିକର ବିଚାରପୂର୍ବକ ତଥା ତୁରନ୍ତ ସମାଧାନ କରାଯାଉ ।

ରାଜ୍ୟରେ ଅନ୍ତତଃ ପକ୍ଷେ ପଚିଶ ଲକ୍ଷ ଚାଷୀ ପ୍ରଭାବିତ ହୋଇଛନ୍ତି । ଫସଲ ହାନିର ସଠିକ୍ ଆକଳନ କରାଯାଇ କ୍ଷତିପୂରଣ ଏବଂ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉ । ଏପର୍ଯ୍ୟନ୍ତ ଫସଲ ହାନି ଏବଂ ଗୃହପାଳିତ ପଶୁ ତଥା ଘରୋଇ ସାମଗ୍ରୀ ଓ ଘରର କ୍ଷୟକ୍ଷତିର କୌଣସି ବାସ୍ତବ ଆକଳନ କରାଯାଇ ନାହିଁ । ସରକାର ଦାୟିତ୍ୱବାନ ଭାବେ ଆଚରଣ କରିବା ଉଚିତ ଏବଂ କେନ୍ଦ୍ରୀୟ ସହାୟତା ମଧ୍ୟ ମାଗିବା ଆବଶ୍ୟକ । ସଠିକ୍ ସରକାରୀ ପ୍ରଚେଷ୍ଟା ଅଭାବରୁ, କଂଗ୍ରେସ ଦଳ ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଅନେକ ମରୁଡ଼ି ପ୍ରଭାବିତ ଅଞ୍ଚଳ - ବିଶେଷ କରି ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, ବାଲେଶ୍ୱର ଏବଂ ଅନ୍ୟାନ୍ୟ ଜିଲ୍ଲାରେ ବ୍ୟାପକ ସହାୟତା କାର୍ଯ୍ୟ କରିଥିଲା । ଏବେ ସରକାର ନିଜ ଦାୟିତ୍ୱରୁ ଦୂରେଇ ଯିବା ଉଚିତ ନୁହେଁ ବୋଲି ଡ଼ ହୁସେନ ପ୍ରକାଶ କରିଥିଲେ ।

ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟିକା ଶ୍ରୀମତୀ ଶିପ୍ରା ମଲ୍ଲିକ ଏବଂ ଶ୍ରୀ କୃଷ୍ଣ ସଗରିଆ ନିଜ ବକ୍ତବ୍ୟରେ କହିଥିଲେ ଯେ, ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ କଂଗ୍ରେସ ଦଳର ସତ୍ୟ ଅନୁସନ୍ଧାନକାରୀ ଦଳର (ଲବମଶ୍ବ-ଲସଭୟସଭଶ ଶ୍ବରବଙ୍କ) ସଦସ୍ୟ ଥିବା ଶ୍ରୀ ସଗରିଆ କହିଛନ୍ତି ଯେ ବିଜେପି କିମ୍ବା ସରକାର ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚି ନାହାନ୍ତି । ଲୋକମାନେ ନିଜେ ଉଚ୍ଚ ସ୍ଥାନଗୁଡ଼ିକୁ ଚାଲିଆସିଥିଲେ, ଯେଉଁଠାରେ ସେମାନେ ବିନା ଖାଦ୍ୟ ଓ ପାଣିରେ ରହିଥିଲେ । କଂଗ୍ରେସ ଦଳର ସହାୟତା ଦଳ ପ୍ରତ୍ୟେକ ଜିଲ୍ଲାକୁ ଯାଇ ବଡ଼ ଆକାରର ପ୍ଲାଷ୍ଟିକ ସିଟ୍, ଗୁଡ଼, ଚାଉଳ ଏବଂ ଚୁଡ଼ା ବଣ୍ଟନ କରିଥିଲେ । ବର୍ତ୍ତମାନ ତୁରନ୍ତ ଥଇଥାନ ଏବଂ ଫସଲ ହାନି ପାଇଁ କ୍ଷତିପୂରଣର ଆବଶ୍ୟକତା ରହିଛି ।

ଶ୍ରୀମତୀ ଶିପ୍ରା ମଲ୍ଲିକ ଗମ୍ଭୀର ଭାବେ ବନ୍ୟା ପ୍ରଭାବିତ ଅଞ୍ଚଳର ଅନ୍ୟ ଜିଲ୍ଲାଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ । ସେ କହିଛନ୍ତି ଯେ କେନ୍ଦ୍ରାପଡ଼ାରେ ମଧ୍ୟ ବ୍ୟାପକ ବିପର୍ଯ୍ୟୟ ଘଟିଛି, ଯେଉଁଠାରେ ସରକାରଙ୍କ କୌଣସି ସହାୟତା ବ୍ୟବସ୍ଥା ନଥାଇ ହଜାର ହଜାର ଲୋକ ବିସ୍ଥାପିତ ହୋଇଛନ୍ତି । ଭିତରକନିକା ଅଞ୍ଚଳର ଉପର ମୁଣ୍ଡକୁ କୁମ୍ଭୀରମାନେ ଚାଲିଆସିଛନ୍ତି, ତେଣୁ ସେମାନଙ୍କୁ ଚିହ୍ନଟ କରି, ଉଦ୍ଧାର କରିବା ଏବଂ ମାନବ ଜୀବନ ରକ୍ଷା କରିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ପୂର୍ବତନ ବିଧାୟିକା ଏବଂ ବିଧାୟକ ପ୍ରକାଶ କରିଛନ୍ତି ।



ଭଦ୍ରକ ଜିଲ୍ଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ତିହିଡି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ମୁଖ୍ୟମନ୍ତ୍ରୀ ବନ୍ୟା ପରିସ୍ଥିତିର ସ୍ଥିତି ଅନୁଧ୍ୟାନ କରିବା ସହ ଈଶାନପୁର, ଶ୍ୟାମସୁନ୍ଦରପୁର, ବାଲିଘାଇ, କଣପା ଆଦି ନିକଟସ୍ଥ ଗ୍ରାମର ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ବନ୍ୟା ଯୋଗୁଁ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା, ରିଲିଫ୍ ଓ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ସେ ଲୋକଙ୍କଠାରୁ ଅବଗତ ହୋଇଥିଲେ । ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ଓ ରିଲିଫ୍ ପହଞ୍ଚାଇବା ସହ ସେମାନଙ୍କ ସୁରକ୍ଷା ଓ ମୌଳିକ ଆବଶ୍ୟକତା ପ୍ରତି ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହି ବନ୍ୟା ପରିସ୍ଥିତି ଓ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ ।

## ସଂଗଠନ, ସମର୍ପଣ, ସଂଘର୍ଷ ଓ ସୃଜନଶୀଳତାର ସମନ୍ୱୟ ପ୍ରଭାତ ମହାନ୍ତି

# ୭୦ତମ ଜନ୍ମ ଓ ରକ୍ତ ଦାନ ଉତ୍ସବରେ ବିଭିନ୍ନ ନେତୃମଣ୍ଡଳୀଙ୍କ ଶ୍ରଦ୍ଧା ନିବେଦନ

ଭୁବନେଶ୍ୱର,୧୮/୮: ସଂଗଠନ, ସଂଘର୍ଷ ଓ ସୃଜନଶୀଳତାର ଅପୂର୍ବ ସମନ୍ୱୟର ଚିରପ୍ରତିଭା ଓ ପ୍ରତିଛବି ପ୍ରଭାତ ମହାନ୍ତି । ଓଡ଼ିଶା ମାଟିର ଏହି ସମର୍ପିତ ନେତା, ଶ୍ରମିକ କର୍ମଚାରୀ ଓ ଶିକ୍ଷକମାନଙ୍କ ହୃଦୟରେ ଯାଦବ ଚନ୍ଦ୍ରାଲୋକ ଉଜ୍ଜୀବିତ ହୋଇ ରହିବେ ବୋଲି ଅଗଷ୍ଟ ପନ୍ଦର ତାରିଖରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ଆସୋସିଏସନ୍ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରଭାତ ମହାନ୍ତିଙ୍କ ୭୦ତମ ଜନ୍ମ ଉତ୍ସବରେ ଅତିଥିମାନେ ବକ୍ତବ୍ୟ ରଖିଛନ୍ତି । ୧୯୫୭ ମସିହା ଅଗଷ୍ଟ ପନ୍ଦର ତାରିଖର ଶୁଭ ମୁହୂର୍ତ୍ତରେ ଜନ୍ମିତ ଓଡ଼ିଶାର ଅଦମନୀୟ କର୍ମଚାରୀ ଶିକ୍ଷକ ଶ୍ରମିକ ନେତା ଶ୍ରୀ ମହାନ୍ତି ଦୀର୍ଘ ୪୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିଜ ପରିଶ୍ରମ, ଆପୋଶହୀନ ସଂଗ୍ରାମରେ ବିଶ୍ୱାସ ରଖି ନିରନ୍ତର ସଂଘର୍ଷ କରି, ନାଟକ ଓ ସାହିତ୍ୟ ମାଧ୍ୟମରେ ସମାଜର କଳୁଷିତ ବ୍ୟବସ୍ଥା ବିରୁଦ୍ଧରେ ଶାଣିତ ସ୍ୱର ଜାରି ରଖି ଲକ୍ଷ ଲକ୍ଷ ଜନତାଙ୍କ ହୃଦୟରେ ସ୍ଥାନ ପାଇଛନ୍ତି ଓ ଚଳିତ ଦଶନ୍ଧିରେ ରାଜ୍ୟର ସର୍ବବୃହତ ତଥା ସର୍ବଶ୍ରେଷ୍ଠ କର୍ମଚାରୀଙ୍କ ହୃଦୟର ମଣିଷ ଭାବେ ନିଜକୁ ପ୍ରତିଷ୍ଠା କରିପାରିଛନ୍ତି ବୋଲି "ପ୍ରଭାତ ମହାନ୍ତି ଜନ୍ମ ଉତ୍ସବ ସମିତି" ପକ୍ଷରୁ ଆୟୋଜିତ ସଭାରେ ବକ୍ତାମାନେ ଶ୍ରଦ୍ଧାଅର୍ପଣ କରିଛନ୍ତି । ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ର ମାନ୍ୟବର ବିଧାୟକ ଡ. ଅରୁଣ ସାହୁ, ମାନ୍ୟବର ବିଧାୟକ ବାବୁ ସିଂ, ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ଜନ୍ମ ଉତ୍ସବ ସମିତିର ଅନ୍ୟତମ ଆୟୋଜକ ସମରେଶ ମହାନ୍ତି, ସାମାଜିକ କର୍ମୀ ବାସୁଦେବ ଭଟ୍ଟ, ମନୋଜ ଜେନା, ଅଶୋକ ପାଇକରାୟ, ସୂଚନା ଅଧିକାର ଆବାହକ ପ୍ରଦୀପ ପ୍ରଧାନ, ବରିଷ୍ଠ ସାମ୍ବାଦିକ ସତିଶ ମିଶ୍ର, ଅବସରପ୍ରାପ୍ତ ବନ ଅଧିକାରୀ ଅଭୟ କୁମାର ପାଠକ, କର୍ମଚାରୀ ନେତା ମିହିର ଜେନା, ପ୍ରଶାନ୍ତ ପଟ୍ଟନାୟକ, ହାଇସ୍କୁଲ୍ ଶିକ୍ଷକ ସଂଘ ନେତା ବିପିନ ବିହାରୀ ସାହୁ, ପ୍ରାଥମିକ ଶିକ୍ଷକ ସଂଘ ନେତା ରାଜେଶ ମହାନ୍ତି, ଯୁଧିଷ୍ଠିର ସାହୁ, ଓଷ୍ଟାର ସମ୍ପାଦକ ରଞ୍ଜନ ଦାସ, ଓଡିଶା ଆଉଟ୍‌ସୋର୍ସିଙ୍ଗ ମହାସଂଘ ସଭାପତି ସଞ୍ଜୟ ପଟ୍ଟନାୟକ, ମହାସଚିବ ହେମନ୍ତ ବସ୍ତିଆ, ସମ୍ପାଦକ ମାନସ ଦାଶ, ବିଶିଷ୍ଟ କଳାକାର ତପନ ମହାନ୍ତି ଓ ଆୟୁଷ ଡାକ୍ତର ସଂଘ ସମ୍ପାଦକ ଡ. ରବୀନ୍ଦ୍ର ସେଠୀ, ଲେଡି ମାଟ୍ରୋନ୍ ସଂଘ ସଭାନେତ୍ରୀ ସୁଜାତା ଭୂୟାଁ, ଏମଭିଆଇ ସଂଘ ସମ୍ପାଦକ ଦୀପକ ମହାପାତ୍ର ଓ ବିଜେପିର ବରିଷ୍ଠ ନେତା ବିଜୟ ଦାଶ ପ୍ରମୁଖ ଶ୍ରୀ ମହାନ୍ତିଙ୍କ ଦୀର୍ଘ ସାଧନ ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ କର୍ମଚାରୀ ନେତା ତଥା ଓଡ଼ିଶା ସରକାରୀ କର୍ମଚାରୀ ମହାସଂଘର ଅଧକ୍ଷ ଶ୍ରୀ ବିଜୟ ମଲ୍ଲଙ୍କ ଆବାହକତ୍ୱରେ ଓ ବିଭାଗୀୟ ମୁଖ୍ୟ ଦପ୍ତର ସେକ୍‌ସନ୍ ଅଫିସର ସଂଘ ସଭାପତି ଶ୍ରୀ ସୁଧାଂଶୁ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଶୋଷିତ ତଥା ଅସହାୟ କର୍ମଚାରୀମାନଙ୍କ ପ୍ରତି ଶ୍ରୀ ମହାନ୍ତିଙ୍କ ଜୀବନବ୍ୟାପୀ ଶ୍ରମ ସାଧନ ସଂଘର୍ଷ ଓ ସଫଳତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମିତିର ଅନ୍ୟତମ ଆବାହକ ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ପୂର୍ବତନ ସଭାପତି ପ୍ରଦୀପ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଶୁଭେନ୍ଦୁ ଦାଶ, ଶ୍ରୀକାନ୍ତ ମିଶ୍ର, ରଶ୍ମି ପାଢି, ରାଜେନ୍ଦ୍ର ମଲ୍ଲିକ, ବିଶ୍ୱରଂଜନ ଦାଶ, ଡ. ଶୁଭେନ୍ଦୁ ଦାଶ, ବିଭୂତି ଭୂଷଣ ଜଢି, ରାଜେଶ ଦାସ, ସୀମା ମହାନ୍ତି, ଦୀପକ ପାଣି, ଦୀପକ ମହାପାତ୍ର, ରୋହିତ ନାୟକ, ଦିବ୍ୟଜ୍ୟୋତି ସ୍ୱାଇଁ, ଦେବ ସାହୁ, ସୁରେଶ ମହାନ୍ତି, ପ୍ରିୟଦର୍ଶନ ପୃଷ୍ଟି, କାହ୍ନୁ ଚରଣ ପରିଡ଼ା, ବିଶ୍ୱଜିତ୍ ନାଥ, ସଞ୍ଜୟ ମହାନ୍ତି, ବିଶ୍ୱନାଥ ଓଝା ଓ ବୈରାଗି ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ । ଶ୍ରୀ ମହାନ୍ତିଙ୍କ ଜନ୍ମ ଦିନ ଉପଲକ୍ଷେ ରେଡକ୍ରସ ଭବନ ପରିସରରେ ଏକ ରକ୍ତଦାନ ଶିବିର ଶ୍ରୀ ତାପସ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ମହାନ୍ତିଙ୍କ ଜନ୍ମ ଉତ୍ସବ ଅବସରରେ ସ୍ମରଣିକା 'ସଂଘର୍ଷ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର କର୍ମଚାରୀ ସଭାପତି ଶ୍ରୀ ବିଶ୍ୱରଂଜନ ଦାଶ ଧନ୍ୟବାଦ ଦେଇଥିଲେ ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati